## ସଂକ୍ଷେପରେ

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଛୁରାମାଡ଼

ବାଲିପାଟଣା,୫।୮(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ମାର୍ଥାପୁର ପଞ୍ଚାୟତ ଅନ୍ତର୍ଗତ ଆଲୋଇ ମାଣିଆ ସାହି ନିକଟରେ ସୋମବାର ରାତିରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଛୁରାମାଡ଼ ହୋଇଛି। ସେ ହେଲେ ଚାରିଛକ ଭଇଁଚି ଗୋରଡ଼ି ଗ୍ରାମର ତୁଷାର ସାହୁ (୪୫)। ଏଥିସହ ଦୁର୍ବୃତ୍ତମାନେ ତାଙ୍କ ନିକଟରୁ ମୋବାଇଲ ନେଇଯାଇଛନ୍ତି। ସୂଚନା ମୁତାବକ, ତୁଷାର କୌଣସି କାମରେ ନିମାପଡ଼ାରୁ ଆଲୋଇ ଯାଉଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ପିଛା କରିବା ସହ ଅଟକାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କୁ ଛୁରାମାଡ଼ କରି ମୋବାଇଲ ନେଇ ପଳାଇଥିଲେ। ତାଙ୍କ ବେକ, ମୁଣ୍ଡ, ହାତ ଓ ପେଟରେ ଗଭୀର ଆଘାତ ଲାଗିଛି। ଖବରପାଇ ବାଲିପାଟଣା ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

### ଗ୍ରାହକଙ୍କ ଗୋଡ଼ ଭାଙ୍ଗି ଦେଇଥିବା ଦୋକାନୀ ଗିରଫ

ଭୁବନେଶ୍ୱର,୫।୮(ସୂର୍ଯ୍ୟକାନ୍ତ ବେହେରା) – ରାଜଧାନୀରେ ଜଣେ ଦୋକାନୀ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ସିଗାରେଟ ଟଙ୍କା ନ ଦେବାରୁ ରାଗରେ ଜଣେ ଗ୍ରାହକଙ୍କୁ ସହଯୋଗୀଙ୍କ ଜରିଆରେ ଆକ୍ରମଣ କରି ଗୋଡ ଭାଙ୍ଗିଦେଇଛନ୍ତି। ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡାରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଦୋକାନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆକ୍ରମଣର ଶିକାର ହୋଇଥିବା ଗ୍ରାହକ ହେଲେ ଅକ୍ଷୟ ମହାପାତ୍ର। ସେ ଗତ ୨ ତାରିଖ ସନ୍ଧ୍ୟାରେ ପାତ୍ରପଡାସ୍ଥିତ କୋଲକାତା ବଜାର ନିକଟରେ ଥିବା ଏକ ପାନଦୋକାନରେ ସିଗାରେଟ କିଣିଥିଲେ। ହେଲେ ମୋବାଇଲ ବନ୍ଦ ହୋଇଯିବାରୁ ଅକ୍ଷୟ ଉକ୍ତ ସିଗାରେଟର ମୂଲ୍ୟ ଦୋକାନୀଙ୍କୁ ଦେଇପାରି ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଦୋକାନୀ ଉତ୍କ୍ଷିପ୍ତ ହୋଇ ଅକ୍ଷୟଙ୍କୁ ଗାଳିଗୁଲଜ କରିବା ସହିତ କିଛି ସମ୍ପର୍କୀୟ ତଥା ବନ୍ଧୁମାନଙ୍କୁ ଡକାଇ ଗ୍ରାହକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଅକ୍ଷୟଙ୍କ ଗୋଡ ଭାଙ୍ଗି ଯାଇଥିଲା।

### ସ୍ୱିଡ୍ ବାଇକ୍‌ରେ ଛିନ୍‌ତାଇ, ୨ ଗିରଫ

ଭୁବନେଶ୍ୱର,୫।୮(ସୂର୍ଯ୍ୟକାନ୍ତ ବେହେରା) – ସ୍ୱିଡ୍ ବାଇକରେ ଛିନ୍‌ତାଇ କରୁଥିବା ଦୁଇ ଯୁବକଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଶାନ୍ତିପଲ୍ଲୀ ବସ୍ତିର କିଶାନ ପ୍ରଧାନ ଓ ପ୍ରତାପ ପଟ୍ଟନାୟକ। ଉଭୟଙ୍କଠାରୁ ୧୨ ଗ୍ରାମର ସୁନା ଚେନ ଓ ଗୋଟିଏ ମୋବାଇଲ ଜବତ ହୋଇଛି। ତେବେ ଅପରାଧରେ ବ୍ୟବହୃତ ହୋଇଥିବା ବାଇକକୁ ଜବତ କରି ନ ଥିବା ଜଣାପଡିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କ ନାଁରେ ପୂର୍ବରୁ ମଧ୍ୟ ଭୁବନେଶ୍ୱରର ଦୁଇଟି ଥାନାରେ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡିଛି। ସୂଚନାନୁସାରେ, ରବିବାର ପୂର୍ବାହ୍ନ ୧୧ରେ କୃଷ୍ଣପ୍ରିୟା ନାୟକ ତାଙ୍କ ସାଙ୍ଗଙ୍କ ସହ ଆଚାର୍ଯ୍ୟବିହାର ଛକରେ ଦହିବରା ଖାଉଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ସ୍ୱିଡ୍ ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ। ଏନେଇ କୃଷ୍ଣପ୍ରିୟା ଥାନାରେ ଅଭିଯୋଗ କରିଥିଲେ।

### ଜୀବନ ଯାତ୍ରାରେ ବନ୍ଧୁତ୍ୱ ଏକ ଅମୂଲ୍ୟ ସମ୍ପଦ

ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ) – ଶହୀଦନଗର ଜୀବନ ଜିନ୍ଦାବାଦ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର କର୍ମକର୍ତ୍ତାମାନେ ବେଶ୍ ଖୁସିର ସହ ଏହି ଦିବସକୁ ପାଳନ କରିଥିଲେ। ବନ୍ଧୁମାନେ ସକାଳେ ଏକତ୍ରିତ ହୋଇ ବିଶ୍ୱ ବନ୍ଧୁତ୍ୱ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମନୁଷ୍ୟର ଜୀବନଯାତ୍ରାରେ ବନ୍ଧୁତ୍ୱ ଏକ ଅମୂଲ୍ୟ ସମ୍ପଦ। ଏହା ବିଶ୍ୱାସ, ଭରସା ତଥା ପରସ୍ପର ମଧ୍ୟରେ ସାହାଯ୍ୟ ସହଯୋଗରେ ଦୀର୍ଘସ୍ଥାୟୀ ହୋଇଥାଏ। ବନ୍ଧୁତାରେ ଧନୀ, ଗରିବ, ଜାତି, ଧର୍ମ କିଛି ନ ଥାଏ। ଏହା ଏକ ନିଃସ୍ୱାର୍ଥପର ସମ୍ପର୍କ ବୋଲି ମତ ପ୍ରକାଶ ପାଇଥିଲା। ବରିଷ୍ଠ ନାଗରିକ ଧୀରେନ୍ଦ୍ର ନାଥ ପଟ୍ଟନାୟକ, ନିଶାକର ରାଉତ, ଅରୁଣ କୁମାର ସାବତ, ସତୀଶ ରାୟ, ବିଷ୍ଣୁ ସାହୁ, ନିହାର ସାମନ୍ତରାୟ, କଲ୍ୟାଣ ମଙ୍ଗରାଜ, ରବୀନ୍ଦ୍ର ବେହେରା, ସୁଜିତ ପରିଜା ପ୍ରମୁଖ ଯୋଗଦେଇଥିଲେ। ପୂର୍ଣ୍ଣଶାସନୀ ଧନ୍ୟବାଦ ଅର୍ପଣ କରିଥିଲେ।



ଘରେ ଆବର୍ଜନା ପାଣି ପଶିବା ପରେ ଲକ୍ଷ୍ମୀସାଗର ପାନବରଜ ବସ୍ତିବାସିନ୍ଦାମାନେ କଟକ ରୋଡ଼କୁ ଅବରୋଧ କରିଛନ୍ତି।



ଆନ୍ଦୋଳନଯୋଗୁ ରାସ୍ତାରେ ଗାଡ଼ିମୋଟର ଅଟକି ରହିଛି। (ଫଟୋ: ବିକାଶ ନାୟକ)

# ଘରେ ପଶିଲା ଆବର୍ଜନାପାଣି, ରାସ୍ତାକୁ ଓହ୍ଲାଇଲେ ବସ୍ତିବାସିନ୍ଦା

ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ)

ବର୍ଷା ହେଲେ ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି। ଖଟ, ଟେବୁଲ, ଚେୟାର, ଫ୍ରିଜ୍, ଗ୍ୟାସ୍ ସିଲିଣ୍ଡର ସବୁ ପାଣିରେ ବୁଡି ରହୁଛି। ଘରେ ବସାଉଠା କରିବା ଦୂରର କଥା ଠିଆ ହୋଇ ରୋଷେଇ କରିବା କଷ୍ଟକର ହୋଇପଡୁଛି। ବର୍ଷା ପାଣି ସହ ଡ୍ରେନ୍ ପାଣି ମିଶିଯାଉଥିବାରୁ ପୋକଜୋକ ସାଙ୍ଗକୁ ବେଙ୍ଗ, ସାପ ମଧ୍ୟ ଘରେ ପଶୁଛନ୍ତି। ଏନେଇ ସ୍ଥାନୀୟ କର୍ପୋରେଟର ଓ ବିଏମ୍‌ସି ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିବା ଲକ୍ଷ୍ମୀସାଗରର ପାନବରଜ ବସ୍ତିବାସିନ୍ଦା କହିଛନ୍ତି। ସୋମବାର ଅପରାହ୍ନରେ ହୋଇଥିବା ଲଗାଣ ବର୍ଷାରେ ପୁଣି ସମାନ ପରିସ୍ଥିତି ଉପୁଜିବାରୁ ଶେଷରେ ସେମାନେ ରାସ୍ତାକୁ ଓହ୍ଲାଇଥିଲେ। ଆଉ ଅଭିଯୋଗ ନ କରି କଟକ ରୋଡ୍‌ର ପୁରାତନ ଡାକଘର ଛକରେ ରାସ୍ତାରେ ବସି ପ୍ରତିବାଦ କରିଥିଲେ। ଫଳରେ ପ୍ରାୟ ଅପରାହ୍ନ ୪ଟାରୁ କଟକରୋଡ୍‌ରେ ଗାଡ଼ିମୋଟର ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଲକ୍ଷ୍ମୀସାଗରରୁ ରସୁଲଗଡ଼ ଓ କଳ୍ପନା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବାଇକ୍, କାର୍, ବସ୍ ସବୁ ପଛକୁ ପଛ ଘଣ୍ଟାଘଣ୍ଟା ପର୍ଯ୍ୟନ୍ତ ଅଟକି ରହିଥିବାବେଳେ ବିଶେଷକରି ବାଇକ୍ ଆରୋହୀ ବର୍ଷାରେ ଭିଜିଥିଲେ। ଭିଡ ଭିତରେ ଆମ୍ବୁଲାନ୍ସ ମଧ୍ୟ ଫସି ରହିଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସ୍ଥାନୀୟ ଭାଜପା ନେତା ଜଗନ୍ନାଥ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରୁ ଲକ୍ଷ୍ମୀସାଗର ଥାନା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ବୁଝାଶୁଝା ଓ ସମସ୍ୟାର ସମାଧାନ ଲାଗି ପ୍ରତିଶ୍ରୁତି ପରେ ସନ୍ଧ୍ୟା ପ୍ରାୟ ୬ଟା ୩୦ ବେଳକୁ ରାସ୍ତା ଉପରୁ ଲୋକମାନେ ଉଠିଥିଲେ। ଦୀର୍ଘ ଅଢେଇ ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଜାମ୍ ରହିବାରୁ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବସ୍ତିବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ବର୍ଷା ହେଲେ ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଫିସରୀ ପୋଖରୀ ଦେଇ ବର୍ଷାପାଣି ନିଷ୍କାସନ ହୋଇ ଯାଉଥିଲା। ମାତ୍ର ଗତ କିଛିମାସ ତଳେ ବହୁକୋଟି ଟଙ୍କା ଖର୍ଚ୍ଚ କରାଯାଇ ଫିସରୀ ପୋଖରୀର ପୁନରୁଦ୍ଧାର କରାଯାଇଛି। ଫଳରେ ପୋଖରୀ ଚାରିପାଖରେ ବନ୍ଧ ଦିଆଯାଇ ଥିବାରୁ ବର୍ଷାପାଣି ସେପଟକୁ ଯାଇପାରୁନି। ସେହିପରି ବସ୍ତି ପାଖରେ ଗତ ୬ମାସ ହେବ ବିଏମ୍‌ସି ପକ୍ଷରୁ ଏକ ଡ୍ରେନ୍ ନିର୍ମାଣ କାମ ଚାଲିଛି। ଡ୍ରେନ୍‌ର ଉଚ୍ଚତା ବସ୍ତିଘର ଠାରୁ ଅଧିକ ଥିବାରୁ ବର୍ଷାହେଲେ ସବୁ ପାଣି ଗଡିକି ଆସି ବସ୍ତିରେ ପଶୁଛି। ଏନେଇ ବିଏମ୍‌ସି ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁ ନ ଥିବା ବସ୍ତିବାସିନ୍ଦା କହିଛନ୍ତି।

ଏନେଇ ସ୍ଥାନୀୟ କର୍ପୋରେଟର ଭରତ ଲେଙ୍କା କହିଛନ୍ତି, ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପମ୍ପସେଟ୍ ଲଗାଯାଇଥିଲା। ମାତ୍ର ବର୍ଷା ଏତେ ମାତ୍ରାରେ ହେଲା ଯେ ଜେନେରେଟର ମଧ୍ୟ ପାଣିରେ ବୁଡିଗଲା। ଫଳରେ ଆଉ ପମ୍ପ ଚାଲିପାରିଲା ନାହିଁ। ତେବେ ଲୋକଙ୍କ ଘରୁ ପାଣି କାଢିବା ପାଇଁ ପମ୍ପସେଟ୍ ଲାଗିଛି। ରାତିସାରା ସଜାଗ ରହି ଘରୁ ପାଣି ନିଷ୍କାସନ କରାଯିବ। ବସ୍ତିର ୬୦ ପରିବାର ପାଇଁ ଦୁଇଦିନ ଲାଗି ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ବର୍ଷାରେ ଯେପରି ବସ୍ତିବାସିନ୍ଦା ବିଶେଷ ହଇରାଣ ହେବେ ନାହିଁ ସେ ନେଇ ପଦକ୍ଷେପ ନିଆଯାଉଛି। ମେୟର ଏବଂ ବିଏମ୍‌ସିର ଇଞ୍ଜିନିୟରିଂ ଟିମ୍ ଆସି ଘଟଣାସ୍ଥଳ ବୁଲି ଦେଖିଛନ୍ତି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ କାମ କରାଯାଉଛି। ତେବେ ଏହି ଗୋଟିଏ ଅଞ୍ଚଳ ନୁହେଁ, ବର୍ଷା ହେଲେ ସହରର ବିଭିନ୍ନ ଅଞ୍ଚଳରେ ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳୁଛି।

### ମେୟର ପହଞ୍ଚିଲେନି, ସ୍ଥାନୀୟ ନେତା ବୁଝାଇଲେ

ବସ୍ତିବାସିନ୍ଦାଙ୍କ ସମସ୍ୟା ନେଇ ମେୟରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ କିଛି ପଦକ୍ଷେପ ନେଇ ନ ଥିଲେ। ଲୋକେ ରାସ୍ତାକୁ ଓହ୍ଲାଇବା ପରେ ବହୁ ବିଳମ୍ବରେ ମେୟର ସେଠାରେ ପହଞ୍ଚିଥିଲେ। ହେଲେ ସେତେବେଳକୁ ଭାଜପା ନେତା ଜଗନ୍ନାଥ ପ୍ରଧାନ ଲୋକଙ୍କୁ ବୁଝାଶୁଝା କରି ବସ୍ତିକୁ ପଠାଇ ଦେଇଥିଲେ। ମେୟରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ସହରର ମେୟର ହୋଇ ମଧ୍ୟ ସହରବାସୀଙ୍କ ଦୁଃଖ ବେଳେ କାହିଁକି ପାଖକୁ ଆସୁ ନାହାନ୍ତି ବୋଲି ସେମାନେ ପ୍ରଶ୍ନ କରିଥିଲେ।





ସୋମବାର ହୋଇଥିବା ବର୍ଷାରେ ୟୁନିଟ୍-୨ ଅଶୋକନଗର ଅଞ୍ଚଳର ଏକ ଘରେ ପାଣି ପଶିଯାଇଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ସ୍କୁଲ୍ ଉପରେ ବଜ୍ରପାତ

## ୭ ଛାତ୍ରୀଛାତ୍ର ଆହତ, ଜଣେ ଗୁରୁତର

ଭୁବନେଶ୍ୱର, ୫।୮(ଅସମାପିକା ସାହୁ)

ସକ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଥିବା ବେଳେ ସୋମବାର ଅପରାହ୍ନ ପ୍ରାୟ ୨ଟାରୁ ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ମାରିଥିଲା। ବରମୁଣ୍ଡାସ୍ଥିତ ରେଣ୍ଟାଲ କଲୋନୀ ହାଇସ୍କୁଲ ଉପରେ ବଜ୍ରପାତ ହେବାରୁ ୭ଜଣ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଏଥିରେ ୪ଜଣ ଛାତ୍ରୀ ଥିବାବେଳେ ୩ଜଣ ଛାତ୍ର ରହିଛନ୍ତି। ସମସ୍ତ ଆହତଙ୍କୁ ସଙ୍ଗେ ସଙ୍ଗେ ସ୍କୁଲ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୬ଜଣଙ୍କର ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଯାଞ୍ଚ ପରେ ଘରକୁ ପଠାଇ ଦିଆଯାଇଥିଲା। ହେଲେ ଜଣେ ଛାତ୍ର ଗୁରୁତର ଥିବାରୁ ତାଙ୍କୁ ଅବଜରଭେଶନରେ ରଖାଯାଇ ଚିକିତ୍ସା ଚାଲିଛି। ତାଙ୍କ ପିଠି ପାର୍ଶ୍ୱରେ ପାରାଲିସିସ୍ ଭଳି ସ୍ଥିତି ସୃଷ୍ଟି ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ବଜ୍ରପାତ ଖବର ପାଇ ଜିଲା ଶିକ୍ଷାଧିକାରୀ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ରୁ ୩ଟା ମଧ୍ୟରେ ଏହି ଦୁଃଖଦ ଘଟଣା ଘଟିଥିଲା। ଏ ସମ୍ପର୍କରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନିହାରିକା ପଣ୍ଡା କହିଛନ୍ତି, ସ୍କୁଲରେ ବଜ୍ରପାତ ହୋଇଥିବା ଓ ଏଥିରେ ପିଲାମାନେ ଆହତ ହୋଇଥିବା ଜଣାପଡିବା ପରେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲୁ। କିନ୍ତୁ ବିଳମ୍ବ ହେବାରୁ ଆମେ ନିଜେ ଗାଡ଼ି କରି ସମସ୍ତ ୭ଜଣ ପିଲାଙ୍କୁ ହସ୍ପିଟାଲକୁ ନେଇଯାଇଥିଲୁ। ତେବେ ସ୍କୁଲରେ ଏଭଳି ଘଟଣା ପ୍ରଥମଥର ପାଇଁ ଘଟିଲା। ବଜ୍ରପାତକୁ ରୋକିବା ପାଇଁ ଆମର ବ୍ୟବସ୍ଥା ରହିଛି। କିନ୍ତୁ ଏଭଳି କାହିଁକି ହେଲା ତାହା ଜାଣିବା ପାଇଁ ଆମେ ଗଣଶିକ୍ଷା ଏବଂ ଶକ୍ତି ବିଭାଗକୁ ଚିଠି କରିଛୁ। ସେମାନେ ମଙ୍ଗଳବାର ଆସି ସ୍କୁଲ ତଦାରଖ କରିବେ ବୋଲି ପ୍ରଧାନଶିକ୍ଷୟିତ୍ରୀ ସୂଚନା ଦେଇଛନ୍ତି।

## ଭୁବନେଶ୍ୱର କଳିଙ୍ଗ ୱାଇଜ୍‌ମ୍ୟାନ୍ କ୍ଲବ୍‌ର ଆଲୋଚନାଚକ୍ର

ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ)

ଭୁବନେଶ୍ୱର କଳିଙ୍ଗ ୱାଇଜ୍‌ମ୍ୟାନ୍ କ୍ଲବ୍ ପକ୍ଷରୁ ୱାଇଏମ୍‌ସିଏ ହଲରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡା. ପ୍ରଦ୍ୟୁମ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଗଭର୍ଣ୍ଣର ସୁଜିତ ପାଣି ମୁଖ୍ୟ ଅତିଥି ରୂପେ ଯୋଗଦେଇ ୱାଇଜ୍‌ମ୍ୟାନ୍ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦୀପ୍ତ ଫୁଲନ୍‌ଟନ୍ ମୁଖ୍ୟବକ୍ତା ରୂପେ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। କ୍ଲବ୍‌ର ଆଭିମୁଖ୍ୟ, ଆଗାମୀ ଦିନର କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ପାଦକ ସୁକାନ୍ତ କୁମାର ପଣ୍ଡା ବିବରଣୀ ପାଠ ଓ କୋଷାଧ୍ୟକ୍ଷ ସରାଫ କ୍ଲବର କାର୍ଯ୍ୟଧାରା ବାବଦରେ କହିଥିଲେ। ଗଣେଶ ପ୍ରସାଦ ଦାଶ, ଗୌରୀ ରଞ୍ଜନ ମିଶ୍ର, କୃଷ୍ଣ ମହାପାତ୍ର, ହିମାଂଶୁ ଜେନା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏଏଆର୍‌ଡି ଡ. ପ୍ରଭାତ ମିଶ୍ର, ଭୁବନେଶ୍ୱର ୱାଇଜ୍‌ମ୍ୟାନ୍ କ୍ଲବ୍ ସଭାପତି ଜନ୍ ଭଗବାନ୍‌ଲୁ, ୱାଇଏମ୍‌ସିଏର ସଭାପତି ପ୍ରେମାନନ୍ଦ ପ୍ରଧାନ, ଅସିମ୍ ଦାସ ପ୍ରମୁଖ ଯୋଗଦେଇଥିଲେ। ଇଂ. ରବି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।





ଆଲୋଚନାଚକ୍ରରେ ଭୁବନେଶ୍ୱର କଳିଙ୍ଗ ୱାଇଜ୍‌ମ୍ୟାନ୍ କ୍ଲବ୍ କର୍ମକର୍ତ୍ତାମାନେ।

# ଶିକ୍ଷା ସର୍ବଦା ସଂସ୍କୃତିର ପ୍ରସାର, ପୃଷ୍ଠପୋଷକତା କରିଥାଏ

### ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୫।୮(ଅସମାପିକା ସାହୁ)

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ପରିସରରେ ଥିବା ନୂତନ ପ୍ରେକ୍ଷାଳୟରେ ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକ୍ଲାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ସର୍ବଦା ସଂସ୍କୃତିର ପ୍ରସାର ଓ ପୃଷ୍ଠପୋଷକତା କରିଥାଏ ବୋଲି ମତ ଦେଇଥିଲେ। ଶିକ୍ଷା ବ୍ୟବସ୍ଥାକୁ କେବଳ ସାର୍ଟିଫିକେଟ କିମ୍ବା ଡିଗ୍ରୀରେ ସୀମିତ ନ ରଖି ଏହାକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ସର୍ବଭାରତୀୟସ୍ତରରେ ସ୍ଥାପିତ ଏନ୍‌ସିଇଆର୍‌ଟି ଓ ଏହାର ପାଞ୍ଚଟି ସକ୍ରିୟ ଶାଖା ଭୁବନେଶ୍ୱର, ଭୋପାଳ, ଆଜ୍‌ମେର, ମୈସୁର ଓ ଶିଲଂରେ ଏହାକୁ କାର୍ଯ୍ୟକାରୀ କରାଯାଉଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ଦିଲ୍ଲୀ ଦକ୍ଷତା ଓ ଉଦ୍ୟମତା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ନାଗାୱ କହିଲେ ଯେ, ଷାଠିଏ ଦଶକରେ ଗୋଟିଏ ଖବର ପହଞ୍ଚିବା କି ଘଟଣା ଜାଣିବା ସମୟସାପେକ୍ଷ ଥିଲା। କିନ୍ତୁ ଏକବିଂଶ ଶତାବ୍ଦୀରେ କେବଳ ଶିକ୍ଷା ଓ ବୈଷୟିକ ଜ୍ଞାନ କୌଶଳର ସଫଳତା ଯୋଗୁ ମୁହୂର୍ତ୍ତକ ମଧ୍ୟରେ ଆମେ ଦେଶଦୁନିଆର ସବୁକିଛି ଜାଣିପାରୁଛେ। କୃତ୍ରିମ ବୁଦ୍ଧିମତ୍ତାର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଗୁରୁତ୍ୱଦେଇ ସେ ଏହାର ସଦୁପଯୋଗ ଉପରେ ସମସ୍ତଙ୍କୁ ନିବେଦନ କରିଥିଲେ। ଡକ୍ଟର କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଅଗ୍ରୱାଲ ୬୨ବର୍ଷର ଶିକ୍ଷା ଓ ସଫଳତା ଯାତ୍ରା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପରିସରରେ ୬୨ଟି ଚାରାରୋପଣ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ହୋଇଥିଲା। ଏହି ଅବସରରେ ଦିଲ୍ଲୀ ଦକ୍ଷତା ଓ ଉଦ୍ୟମତା ବିଶ୍ୱବିଦ୍ୟାଳୟର ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ପ୍ରତିଷ୍ଠାନର ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ସୂଚନା ଦେଇଥିବାବେଳେ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।





ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୨ତମ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲେ

ଖୋର୍ଦ୍ଧା,୫।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ହଳଦିଆ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦକୁ ନେଇ ବିବାଦ ଘନେଇବାରେ ଲାଗିଛି। ସୋମବାର ହଳଦିଆ ପଞ୍ଚାୟତ ଅଞ୍ଚଳର କେତେଜଣ ଅଭିଭାବକ, ବୁଦ୍ଧିଜୀବୀ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି କଲେଜର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି କଲେଜ ୧୯୮୩ ମସିହାରେ ସ୍ଥାପନ ହୋଇଥିଲା। ଯୁକ୍ତ ୨ ଓ ଯୁକ୍ତ ୩ରେ ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। କଲେଜକୁ ୪୦ ବର୍ଷ ବିତିଥିଲେ ମଧ୍ୟ କୌଣସି ବିକାଶ ହୋଇନାହିଁ। ଆବଶ୍ୟକ ଭିତ୍ତିଭୂମି ଅଭାବରୁ ୟୁଜିସି ଏବଂ ନାକ୍ ଟିମ୍ ପରିଦର୍ଶନ କରିନାହିଁ। ଫଳରେ କଲେଜର ଆଶାନୁରୂପକ ବିକାଶ ହୋଇନାହିଁ। ୨୦୨୧ ମସିହାରେ ଡ. ଉମାକାନ୍ତ ପାତ୍ର ଏଠାକୁ ଅଧ୍ୟକ୍ଷ ହୋଇ ଆସିବା ପରେ ଏନେଇ କାମ ଆରମ୍ଭ କରିଥିଲେ। ପରେ ଉଚ୍ଚଶିକ୍ଷା ବିଭାଗ ଚିଠି ନଂ.୪୫୭୩/ଏଚ୍ଇ/୨।୨।୨୪ପ୍ରକାରେ ପାତ୍ରଙ୍କ ନିରାକାରପୁର କଲେଜକୁ ବଦଳି ହୋଇଥିଲା। ପରେ ଉଚ୍ଚ ନ୍ୟାୟାଳୟ ରହିତାଦେଶ ପାଇଁ ପାତ୍ର ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟର ନିର୍ଦ୍ଦେଶନାମା ପ୍ରକାରେ ଉଚ୍ଚଶିକ୍ଷା ବିଭାଗ ପାତ୍ରଙ୍କ ବଦଳି ରଦ୍ଦ ନିର୍ଦ୍ଦେଶକୁ ଉଠାଇ ପୂର୍ବ ବଦଳି ନିର୍ଦ୍ଦେଶକୁ କାଏମ ରଖିଥିଲେ। ଗତ ଜୁଲାଇ ୩ ତାରିଖରେ ପୂର୍ବତନ ଅଧ୍ୟକ୍ଷ ପାତ୍ରଙ୍କୁ ବିବାଦୀୟ ଇତିହାସ ଅଧ୍ୟାପକ, ପରିଚାଳନା ସଭାପତି, ଅନ୍ୟ ୪ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିବା ସହ ସିସିଟିଭି ଫୁଟେଜ୍ ଜବତ କରିଥିଲା। ପରେ ଶିଳ୍ପାଞ୍ଚଳ ପୋଲିସ ଚିଠି ନଂ.୧୧୨୨/ଇପିଏସ୍/୨୬।୭।୨୪ ଅନୁଯାୟୀ ଇତିହାସ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚଶିକ୍ଷା ବିଭାଗକୁ ନିବେଦନ କରିଥିଲା। ପୋଲିସର ଅବହେଳାରୁ ଅଭିଯୁକ୍ତମାନେ ଆଇନର ଗଳାବାଟ ଦେଇ ହାଇକୋର୍ଟରୁ ଆଗୁଆ ଜାମିନ ପାଇଛନ୍ତି। ପରିଚାଳନା ସଭାପତିଙ୍କ ଅନୁମୋଦନକ୍ରମେ ଇତିହାସ ଅଧ୍ୟାପକ ଇନ୍‌ଚାର୍ଜ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣେ ବିବାଦୀୟ ଅଧ୍ୟାପକଙ୍କୁ ପୁଣିଥରେ ଅଧ୍ୟକ୍ଷ ଦାୟିତ୍ୱ ଦେବା ନେଇ ଛାତ୍ରୀଛାତ୍ର, ଅଭିଭାବକ, ବୁଦ୍ଧିଜୀବୀଙ୍କ ସ୍ୱର ଉତ୍ତୋଳନ ସତ୍ତ୍ୱେ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

## ବଢୁଛି ଅଶାନ୍ତି, ରାସ୍ତା ଅବରୋଧ ଚେତାବନୀ


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଛାତ୍ରୀଛାତ୍ର।

ସୋମାବର ଏକାଧିକ ଛାତ୍ରୀଛାତ୍ର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସମାନ ଦାବି କରିଛନ୍ତି। ଆକ୍ରମଣ ଘଟଣାରେ ହାଇକୋର୍ଟରେ ସର୍ତ୍ତମୂଳକ ଜାମିନରେ ଆସିଥିବା ଇତିହାସ ଅଧ୍ୟାପକଙ୍କୁ ପୁଣି ଥରେ ଅଧ୍ୟକ୍ଷଭାବେ ନିଯୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସେ କ୍ୟାମ୍ପସରେ ଅଣଛାତ୍ର, ଅସମାଜିକ ଯୁବକଙ୍କୁ ନେଇ ପରିବେଶ ନଷ୍ଟ କରିବାକୁ ଚକ୍ରାନ୍ତ କରୁଛନ୍ତି। ପୂର୍ବତନ ଅଧ୍ୟକ୍ଷ ପାତ୍ରଙ୍କୁ ଆକ୍ରମଣ ଘଟଣାରେ ଶିଳ୍ପାଞ୍ଚଳ ପୋଲିସ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଶାସନ ସଚିବଙ୍କୁ ଚିଠି ଲେଖିଥିବା ବେଳେ କେଉଁ ଆଧାରରେ ବିବାଦୀୟ ଅଧ୍ୟାପକଙ୍କୁ ପୁଣି ଥରେ ଅଧ୍ୟକ୍ଷ ଭାବେ ପରିଚାଳନା ସଭାପତି ନିଯୁକ୍ତ ଦେଇଛନ୍ତି ବୋଲି ପ୍ରଶ୍ନ କରିବା ସହ ତୁରନ୍ତ ତାଙ୍କୁ ପଦରୁ ହଟାଯାଇ ନୂତନ ଅଧ୍ୟକ୍ଷ ନିଯୁକ୍ତି ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯିବ ବୋଲି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରତିଶ୍ରୁତି ଦେଇଛନ୍ତି। ଉପରୋକ୍ତ ଦାବି ଉପରେ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ପରେ ତାଙ୍କୁ ପରିଚାଳନା ସଭାପତି ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପରିଚାଳନା କମିଟିରେ ୧୧ ସଦସ୍ୟ ରହିଥିବା ବେଳେ ସଭାପତି ମନମୁଖିଭାବେ କୌଣସି ବୈଠକ ନ କରି

# ପ୍ରଶାସନକୁ ରିପୋର୍ଟ ମାଗିଲା ଗ୍ରୀନ୍ ଟ୍ରିବ୍ୟୁନାଲ

ବେଗୁନିଆ,୫।୮ (ହରପ୍ରସନ୍ନ ପଣ୍ଡା)

**ବେଆଇନ ଗଛକଟା ଓ ଜବରଦଖଲ ମାମଲା**

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅନ୍ତର୍ଗତ ଶଗଡ଼ଭଙ୍ଗା ପଞ୍ଚାୟତର ଲକ୍ଷ୍ମୀନାରାୟଣପୁର ଗ୍ରାମରେ ବେଆଇନ ଗଛକଟା ଓ ଜବରଦଖଲ ଅଭିଯୋଗକୁ ନେଇ ଗତ ମେ'୨୧ରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏନେଇ ଜମି ମାଲିକ ବିଷ୍ଣୁପ୍ରିୟା ମହାନ୍ତି ଜିଲାପାଳ, ଉପଜିଲାପାଳ, ବନଖଣ୍ଡ ଅଧିକାରୀ, ତହସିଲଦାର ଏବଂ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ଉପରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏହାପରେ ବିଷ୍ଣୁପ୍ରିୟା ଗତ ଜୁଲାଇରେ ଗ୍ରୀନ୍ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଏନେଇ କୋଲକାତାସ୍ଥିତ ଜାତୀୟ ସବୁଜ ଅଦାଲତ(ଗ୍ରୀନ୍ ଟ୍ରିବ୍ୟୁନାଲ)ପକ୍ଷରୁ ୧୩୮/୨୪ରେ ଏକ ମାମଲା ରୁଜୁ ହୋଇଛି। ଉପଯୁକ୍ତ ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଖୋର୍ଦ୍ଧା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ପ୍ରଶାସନିକ ତତ୍ପରତା ଆରମ୍ଭ ହୋଇଛି। ଆସନ୍ତା ୨୭ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

ସୂଚନାଥାଉ କି, ବେଗୁନିଆ ତହସିଲ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ମୌଜା ଖତିୟାନ ନଂ.୨୩୯, ପ୍ଲଟ ନଂ.୨୫୧, ଏରିଆ–୦.୧୯୦ ଡିସିମିଲ, କିସମ ଆମ୍ବ ବଗାୟତ, ଖତିୟାନ ନଂ.୨୫୩, ଏରିଆ–୦.୭୦, ଖତିୟାନ ନଂ.୩୧୮, ପ୍ଲଟ ନଂ.୨୫୪, ଖତିୟାନ ନଂ.୩୧୯, ପ୍ଲଟ ନଂ.୧୦୭୧, ୩୪୩ ଓ ୩୪୭ରେ ରହିଥିବା ଆମ୍ବ, ପଣସ, କୋଚିଲା, ଆକାଶୀ, ନିମ୍ବ, ଶାଳ ଆଦି ଗଛକୁ ସ୍ଥାନୀୟ ଛିମା ଗ୍ରାମର କେତେଜଣ ବ୍ୟକ୍ତି ଜବରଦସ୍ତ କାଟି ପକାଇଥିଲେ। ଉକ୍ତ ଜମି ମାଲିକ ବିଷ୍ଣୁପ୍ରିୟା ନିରପେକ୍ଷ ତଦନ୍ତ ଦାବିକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବେଗୁନିଆ ତହସିଲଦାର, ଜଙ୍କିଆ ଥାନା, ଜିଲାପାଳ, ଉପଜିଲାପାଳ ଏବଂ ବନଖଣ୍ଡ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ।

# ୯ରେ ରାଜପଥ ଅବରୋଧ ଚେତାବନୀ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଟାଙ୍ଗୀ,୫।୮ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ରତନପୁର ପଞ୍ଚାୟତର ତାଳଡ଼ିହ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ମୁସ୍‌ଲିମ୍ ସମ୍ପ୍ରଦାୟର ୨୦ରୁ ଊର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ କୁହୁଡ଼ି ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ୭ ଜଣଙ୍କୁ ଗିରଫ କରି ନୀରବ ରହିବାରୁ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଆସନ୍ତା ୭ ତାରିଖ ମଧ୍ୟରେ ଗିରଫ କରା ନ ଗଲେ ୯ ତାରିଖରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରକାଶ ଯେ, ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ରତନପୁର, କୁହୁଡ଼ି ସମେତ ୯ ପଞ୍ଚାୟତର ପ୍ରତିନିଧିମାନଙ୍କୁ ନେଇ ଗଠିତ ଶାନ୍ତି କମିଟିର ନିଷ୍ପତ୍ତି ଅନୁଯାୟୀ, ଗତ ୨୪ ତାରିଖରେ ଜିଲାପାଳ, ଏସ୍‌ପି, ଟାଙ୍ଗୀ ଥାନା ଆଇଆଇସି, ବାଲୁଗାଁ ଏସ୍‌ଡିପିଓଙ୍କୁ ଦାବିପତ୍ର ଦିଆଯାଇଥିଲା। ତେବେ କୌଣସି ପଦକ୍ଷେପ ନିଆ ନ ଯିବାରୁ କୁହୁଡ଼ି, ରତନପୁର, ସୋରଣ, ମାନସିଂହପୁର, ବିରିବାଡି, ଚଣ୍ଡେଶ୍ୱର, ପାରିଓରଡ଼, କୁଞ୍ଜୁରୀ ପଞ୍ଚାୟତର ଭଦ୍ରବ୍ୟକ୍ତିମାନଙ୍କୁ ନେଇ ଗଠିତ କୋର୍ କମିଟି ପକ୍ଷରୁ ପୁଣିଥରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ଦିଆଯାଇଛି। ଏନେଇ ସୋମବାର ସଭାପତି ଲଳିତ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୭ ତାରିଖ ସୁଦ୍ଧା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୯ ତାରିଖରେ ୯ ପଞ୍ଚାୟତର ଜନସାଧାରଣ ଜାତୀୟ ରାଜପଥ ଅବରୋଧ କରିବେ ବୋଲି କୋର୍ କମିଟିର ସଦସ୍ୟମାନେ ସୂଚନା ଦେଇଛନ୍ତି। ଗୁରୁବନ୍ଧୁ ବେହେରା, ବିଜୟ କୁମାର ଜେନା, ଜୟଦେବ ବେହେରା, ମାନସ ବେହେରା, ରତିକାନ୍ତ ବୈରିଗଞ୍ଜନ, ତପନ ବେହେରା, ମନ୍ମଥ ମାନସିଂହ, ଶତ୍ରୁଘ୍ନ ପ୍ରଧାନ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ସାରସ୍ୱତ ସାହିତ୍ୟ ଆଲୋଚନାଚକ୍ର

କଳାପଥର,୫।୮ (ଗଙ୍ଗାଧର ସାହୁ)

କଳାପଥର ସରସ୍ୱତୀ ଶିଶୁ ମନ୍ଦିରର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ସାରସ୍ୱତ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଙ୍କୀ ବ୍ଲକର ପୂର୍ବତନ ଚେୟାରମାନ ସତ୍ୟନାରାୟଣ ସାମନ୍ତ ଯୋଗଦେଇଥିଲେ। ସ୍ୱର୍ନମ ମହାପାତ୍ର, ସାରଦାନନ୍ଦ ଦାସ, ଜଗନ୍ନାଥ ବାରିକ, ବଳରାମ ସାହୁ, ସୁରେଶ୍ୱର ବେହେରା, ଗୟାଧର ନାୟକ, ମାନସୀ ମହାନ୍ତି, ମନ୍ମଥ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟର ବ୍ୟବହାରିକ ଓ ବ୍ୟାକରଣ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ବର୍ଷା ଉପରେ କବିତା ଲେଖିବା ସହ ପାଠ କରିଥିଲେ। ଏଥିରେ ପ୍ରଥମ ସ୍ଥାନ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରୀତିପ୍ରଜ୍ଞା ପଟ୍ଟନାୟକ, ଦ୍ୱିତୀୟ ଯୁଗ୍ମଭାବେ ସ୍ମୃତିଶ୍ରୀ ଷଡ଼ଙ୍ଗୀ, ରାଜଶ୍ରୀ ପଟ୍ଟନାୟକ ବିଜୟୀ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ବ୍ୟାକରଣଗତ ସନ୍ଦେହକୁ ମୋଚନ କରିବା ସହିତ ସାହିତ୍ୟର ବିଭିନ୍ନ ଦିଗକୁ ନେଇ ଆଲେଚନା କରାଯାଇଥିଲା। ସେହିପରି ପ୍ରଦୀପ କୁମାର ପଟ୍ଟାନାୟକ ଯୋଗଦେଇ ଅନୁଷ୍ଠାନ ଅନ୍ୱେଷଣ ପକ୍ଷରୁ ଏକ ପବ୍ଲିକ ପାଠଗାର ଓ ଭ୍ରାମ୍ୟମାଣ ପାଠାଗାର ଖୋଲିବାର ସମସ୍ତ ବ୍ୟବସ୍ଥା ହୋଇଛି ବୋଲି ମତପ୍ରକାଶ କରିବା ସହିତ ଧନ୍ୟବାଦ ଦେଇଥିଲେ।

# ୩୦୩ ଅଭିଯୋଗ ଶୁଣିଲେ ବିଧାୟକ



ଅଭିଯୋଗ ଶୁଣାଣି ଶିବିରରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟମାନେ।

ଟାଙ୍ଗୀ,୫।୮ (ରଘୁନାଥ ସାହୁ)

ଟାଙ୍ଗୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ୩୦୩ଟି ଅଭିଯୋଗ ଶୁଣିଛନ୍ତି। ସେଥିରୁ ୧୯୧ଟି ପ୍ରଧାନମନ୍ତ୍ରୀ ଆବାସ ସମ୍ବନ୍ଧୀୟ, ୪୫ଟି ଭତ୍ତା ସମ୍ବନ୍ଧୀୟ, ୫୨ଟି ଭୂମିହୀନ ଲୋକଙ୍କୁ ଭୂମି ଯୋଗାଇବା ସମ୍ବନ୍ଧୀୟ ଏବଂ ଖାଉଟି କାର୍ଡ ସମ୍ବନ୍ଧୀୟ ୪୨ଟି ସହ ଅନ୍ୟାନ୍ୟ ଅଭିଯୋଗ ରହିଥିଲା। ଏଥିସହ ଟାଙ୍ଗୀ ଅଞ୍ଚଳର ବୁଦ୍ଧିଜୀବୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ୧୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଟାଙ୍ଗୀ ପଞ୍ଚାୟତକୁ ଏନ୍ଏସି ମାନ୍ୟତା, ଏମ୍ସ ଛାତ୍ରୀଛାତ୍ରମାନଙ୍କ ଛାତ୍ରାବାସ ପାଇଁ ଜମି ପ୍ରଦାନ, ଚାଷୀଙ୍କ ପାଇଁ ମଙ୍ଗଳଜିତ୍ ଡ୍ୟାମ୍‌ର ପୁନରୁଦ୍ଧାର, ସଭାସମିତି ପାଇଁ ଟାଉନ ହଲ୍ ନିର୍ମାଣ, ସର୍ବସାଧାରଣ ସଭାସମିତି ପାଇଁ ୩ ଏକର ଖୋଲାସ୍ଥାନ ସଂରକ୍ଷିତ, ଗୋ'ଶାଳା ଓ ପାର୍କ ନିର୍ମାଣ, ଦୁର୍ଗାଚରଣ ଚିଲିକା ଡିଗ୍ରୀ କଲେଜକୁ ଅନୁଦାନଭୁକ୍ତ କରିବା ଏବଂ ଡିଗ୍ରୀ କଲେଜକୁ ସରକାରୀ ଜମି ଯୋଗାଇବା, ଯୁକ୍ତ୨ ଓ ଯୁକ୍ତ୩ କଲେଜର ପରିଚାଳନା ସମିତି ଗଠନ, ବସ୍‌ଷ୍ଟାଣ୍ଡ ନିର୍ମାଣ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ସୁପରିଣ୍ଟେଣ୍ଡେଣ୍ଟ ପଦବୀ ପୂରଣ, ପବ୍ଲିକ୍ ହେଲ୍‌ଥ ଅଫିସର, ମେଡିସିନ ଓ ସର୍ଜରି ବିଶେଷଜ୍ଞ ପଦବୀ ପୂରଣ, ଡାକଘର ନିର୍ମାଣ ପାଇଁ ଜମି ପ୍ରଦାନ, ଜଙ୍ଗଲ ଜମି ମଧ୍ୟରେ ଥିବା ୧୯ ଏକର ରାଜସ୍ୱ ଜମି ଚିହ୍ନଟ କରି ସମୂହ କାର୍ଯ୍ୟ ପାଇଁ ଉପଯୋଗୀ କରିବା, ବଳରାମ ଦେବ ବିଦ୍ୟାପୀଠର ଆଜବେଷ୍ଟସ ଘର ଭାଙ୍ଗି କୋଠାଘର ନିର୍ମାଣ, ଉଦ୍ୟାନ ବିଭାଗ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ଟାଙ୍ଗୀଠାରେ ଖୋଲିବା ପାଇଁ ଜମି ଯୋଗାଇଦେବା ସହ ଟାଙ୍ଗୀରେ ଥିବା ସମସ୍ତ ବିଭାଗୀୟ ଅଧିକାରୀ ହେଡ୍‌କ୍ୱାର୍ଟର୍ସରେ ରହିବାକୁ ନିର୍ଦ୍ଦେଶ ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ସରପଞ୍ଚ କିଶୋର କୁମାର ବେହେରା, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ଏମ୍‌ପିଙ୍କ ପ୍ରତିନିଧି ଚିନ୍ମୟ ପୃଷ୍ଟି, ଭାଜପା ରାଜ୍ୟ ପରିଷଦ ସଭ୍ୟ ରଘୁନାଥ ସାହୁ, ଅରୁଣ ରଞ୍ଜନ ମହାନ୍ତି, ସୁନୀଲ ମହାନ୍ତି, ବିନାୟକ ବେହେରା, ରମେଶ ବେହେରା, ସଂଗ୍ରାମ ବିଶ୍ୱାଳଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଧାୟକ ଜଗଦ୍ଦେବ ବିଭିନ୍ନ ସମସ୍ୟା ଶୁଣିବା ସହ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଶିବିରରେ ବିଡିଓ ରେଶ୍‌ମା ଟେଟେ, ତହସିଲଦାର ମିତାଲି ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଭାଜପାର ପୂର୍ବତନ ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଜାତୀୟ କୃମି ନାଶକ ଦିବସରେ ପ୍ରଶିକ୍ଷଣ ଶିବିର

ବେଗୁନିଆ,୫।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୋଲଗଡ଼ ପକ୍ଷରୁ ସୋମବାର ସରକାରୀ ଉଚ୍ଚ ବିଦ୍ୟାଳୟ ଛତ୍ରପଡ଼ାଠାରେ ୬ଟି କ୍ଲଷ୍ଟର ଶିକ୍ଷକମାନଙ୍କୁ ନେଇ ଜାତୀୟ କୃମି ନାଶକ ଦିବସ ପାଳନ ଅବସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୦ ଏବଂ ୧୭ତାରିଖ ଦୁଇଦିନ ସମସ୍ତ ଅଙ୍ଗନୱାଡ଼ି ଏବଂ ବିଦ୍ୟାଳୟରେ ୧ରୁ ୧୯ବର୍ଷ ଏବଂ ୨୦ରୁ ୨୪ବର୍ଷ ମହିଳାମାନଙ୍କୁ କୃମି ନାଶକ ଔଷଧ ଦିଆଯିବ। ଏହି ଔଷଧ ସେବନ କରିବା ଦ୍ୱାରା ରକ୍ତହୀନତାରୁ ମୁକ୍ତି ମିଳିବା ସହିତ ଶାରୀରିକ ଓ ମାନସିକ ବିକାଶ ହୋଇଥାଏ। ଏହି ଟାଲେଟକୁ ଚୋବାଇ ଖାଇବା ପାଇଁ କୁହାଯାଇଥିଲା। କୃମି ନାଶକ ଔଷଧ ଉଭୟ ଶିଶୁ ଏବଂ କିଶୋରୀଙ୍କ ପାଇଁ ନିରାପଦ। କୃମି ସଂକ୍ରମଣ ରୋକିବା ପାଇଁ କେଉଁସବୁ ପଦକ୍ଷେପ ଗ୍ରହଣ କରାଯିବ ସେ ସଂକ୍ରାନ୍ତରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀମାନେ ବୁଝାଇଥିଲେ। ଖୋଲା ସ୍ଥାନରେ ମଳ ତ୍ୟାଗ କିମ୍ବା ପରିଶ୍ରା ନ କରିବା, ସାବୁନରେ ହାତ ଧୋଇବା, ଚପଲ ବ୍ୟବହାର କରିବା, ନଖକୁ ଛୋଟ ଓ ସଫା ରଖିବା, ପିଇବା ପାଣିକୁ ଢାଙ୍କୁଣୀ ଦେଇ ରଖିବା, ଫଳ ଓ ପନିପରିବାକୁ ବିଶୁଦ୍ଧ ଜଳରେ ଧୋଇବା ଏବଂ ନିଜର ପରିବେଶ ପରିଷ୍କାର ରଖିଲେ କୃମି ସଂକ୍ରମଣ ହୋଇ ନ ଥାଏ ବୋଲି ଆୟୁଷ ଡାକ୍ତର ବିଷ୍ଣୁପ୍ରିୟା ସାହୁ, ପିଏଚ୍ଇଓ ପ୍ରଭାସିନୀ ପଣ୍ଡା, ଏଏନ୍ଏମ୍ ସବିତା ପଣ୍ଡା ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ।

# ଲୋକଙ୍କ ସମସ୍ୟା ଶୁଣିଲେ ଏମ୍‌ପି

ଯାଁଳା,୫।୮ (ବୁଲା ବାରିକ)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ରାଜଧାନୀ ଉପକଣ୍ଠ ଯାଁଳା ଗ୍ରାମ ଗସ୍ତ କରି ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଏଥିସହ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗ୍ରାମର କେତେଜଣ ଲୋକଙ୍କ ସହ ଆଲୋଚନା କରିଥିଲେ। ମନ୍ଦିର ଏବଂ ମନ୍ଦିର ନିକଟରେ ଥିବା ଚିତ୍ର ସାଗର ପୋଖରୀର ଉନ୍ନତ୍ତୀକରଣ ନିମନ୍ତେ ଗ୍ରାମବାସୀ କହିଥିଲେ। ପରେ ଏମ୍‌ପି ଉତ୍ତୀକରଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହି ଗସ୍ତ ସମୟରେ ଭାଜପା ନେତା ସୁଦୀପ୍ତ ରାୟ, ବିଶ୍ୱରଞ୍ଜନ ବଡ଼ଜେନା, ପୂର୍ବତନ ସରପଞ୍ଚ ପ୍ରଦୋଷ କୁମାର ଜେନା, ବିଡିଓ ରଶ୍ମିତା ନାଥ, ଯନ୍ତ୍ରୀଙ୍କ ସମେତ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ୫ଜଣଙ୍କୁ 'ସେବାଶ୍ରୀ' ସମ୍ମାନ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜଟଣୀ,୫।୮ (ରବୀନ୍ଦ୍ରନାଥ ମହାକୁଡ଼)

ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଜନମଙ୍ଗଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଛରା ଗ୍ରାମସ୍ଥିତ ମା'ଭୂୟାଣୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ଡ.ସନ୍ତୋଷ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାହିତ୍ୟିକ ନରେନ୍ଦ୍ର ମୁଦୁଲି ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସମାଜସେବୀ ସନ୍ତୋଷ ହୋତା, ଶିକ୍ଷକ ସଂଘର ସଙ୍ଗଠକ ବାସୁଦେବ ସାହୁ, ନାରୀ ନେତ୍ରୀ ବିନତୀ ଜେନା ଉପସ୍ଥିତ ଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ନବୀନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚାରାବଣ୍ଟନ କରାଯାଇଥିଲା। ଏଥିସହ ୪୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ଛତା ବଣ୍ଟନ କରାଯାଇଛି। ସଙ୍ଗଠନ ସମ୍ପାଦକ ହରପ୍ରସାଦ ମିଶ୍ର ଛତା ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଗୋ ସେବକ ପ୍ରତାପ ସ୍ୱାଇଁ, ସମାଜସେବୀ ବାସୁଦେବ ବେହେରା, ଜନକଲ୍ୟାଣ ଟ୍ରଷ୍ଟର ସଂଯୋଜିକା ସନ୍ଧ୍ୟାରାଣୀ ପରମାଣିକ, ପୁରୁଷୋତ୍ତମ ମୁଦୁଲି, ସମାଜସେବୀ ଗଗନ ପାତ୍ର ପ୍ରମୁଖଙ୍କୁ ସେବାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ମିତ୍ ପ୍ରକାଶ ମହାନ୍ତି, ମହେଶ୍ୱର ସାହୁ, ରୁଦ୍ରନାରାୟଣ ସାହୁ, ସର୍ବେଶ୍ୱର ସାହୁ, ଶକ୍ତି ସ୍ୱାଗତ ମହାନ୍ତି, ଜିତୁ ଘଡେଇ ,ପୂର୍ଣ୍ଣ ଚନ୍ଦ୍ର ମହାରଣା, ନୀଳାମ୍ବର ମିଶ୍ର ସହୋଯୋଗ କରିଥିଲେ। ସୁରେଶ ମହାରଣା ଅତିଥି ପରିଚୟ, ଆଇନ ପରାମର୍ଶଦାତା ମାନସ ରଥ ଧନ୍ୟବାଦ ଦେଇଥିଲେ।

# ଡେଲାଙ୍ଗରୁ ଆସି ଖୋର୍ଦ୍ଧାରେ ନିଖୋଜ

ଖୋର୍ଦ୍ଧା,୫।୮ (ପ୍ରଭାତ ପାଣିଗ୍ରାହୀ)


ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।


ଜବତ ହେଲ୍‌ହେଟ ଓ ବାଇକ୍ ।

**ଗଦାଧରଙ୍କୁ ଖୋଜୁଛି ପୋଲିସ, ସନ୍ଦେହରେ ମହିଳା ଅଟକ**

- ଖଣି ପୋଖରୀରୁ ବାଇକ୍, ହେଲ୍‌ମେଟ, ବ୍ୟାଗ୍, ଚପଲ ଜବତ
- ହନୁମାନ ପଇସା କାରବାର ସନ୍ଦେହ

ପୁରୀ ଜିଲା ଡେଲାଙ୍ଗ ଥାନା ଅଧୀନ କୁଆପଦା ଗ୍ରାମର ଗଦାଧର ନିଶଙ୍କ ଖୋର୍ଦ୍ଧା ଅଞ୍ଚଳରେ ନିଖୋଜ ହୋଇଯାଇଛନ୍ତି। ସେ ଜ୍ୟୋତିଷ, ବାସ୍ତୁ କାମ କରନ୍ତି। ବରୁଣେଇ ଶିଳ୍ପାଞ୍ଚଳସ୍ଥିତ ଏକ ପରିତ୍ୟକ୍ତ ଖଣି ପୋଖରୀ ନିକଟରୁ ଗଦାଦରଙ୍କ ବାଇକ୍ ଜବତ ହୋଇଥିବା ବେଳେ ପୋଖରୀରୁ ତାଙ୍କ ହେଲମେଟ, ବ୍ୟାଗ୍, ଚପଲ ଏବଂ କିଛି କାଗଜପତ୍ର ଜବତ ହୋଇଛି। ସେ ୩ ଦିନ ହେବ ନିଖୋଜ ଥିବାବେଳେ ତାଙ୍କୁ ଅପହରଣ କରାଯାଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ହନୁମାନ ପଇସା କାରବାରକୁ ନେଇ ଏହି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ଗୁରୁଜଙ୍ଗଠାରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଜଣେ ମହିଳାଙ୍କୁ ସନ୍ଦେରେ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏହା ଘଟଣାର ଚେର ଖୋର୍ଦ୍ଧାରୁ ଫୁଲବାଣୀ ପର୍ଯ୍ୟନ୍ତ ଲମ୍ବିଥିବା ପୋଲିସ ଜାଣିବାକୁ ପାଇଛି।

ଅଭିଯୋଗ ମୁତାବକ, ଗତ ୩ ତାରିଖ ଅପରାହ୍ନରେ ଗଦାଧର ଗୁରୁଜଙ୍ଗସ୍ଥିତ ଜଣେ ମହିଳାଙ୍କ ଘରକୁ ଯାଉଛି କହି ଘରୁ ଆସିଥିଲେ। ରାତି ୮ଟା ସୁଦ୍ଧା ଫେରିବେ ବୋଲି କହିଥିଲେ ମଧ୍ୟ ଫେରି ନ ଥିଲେ। ତାଙ୍କ ଫୋନ୍‌କୁ ପରିବାର ଲୋକେ ଫୋନ କରିଥିବା ବେଳେ ତାହା ସୁଇଚ୍ ଅଫ୍ ଆସିଥିଲା। ଗଦାଧରଙ୍କ ବାଇକ୍ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଏକ କମ୍ପାନୀ ପଛପଟେ ପଡ଼ିଛି ବୋଲି ରବିବାର ସକାଳ ୮ଟାରେ ଡେଲାଙ୍ଗ ଥାନା ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ପରେ ଶିଳ୍ପାଞ୍ଚଳ ଥାନାରୁ ଖବରପାଇ ପରିବାର ଲୋକେ ପହଞ୍ଚି ବାଇକ୍ ଚିହ୍ନଟ କରିଥିଲେ। ଏନେଇ ପୋଲିସ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ମଧ୍ୟାହ୍ନରେ ଶିଳ୍ପାଞ୍ଚଳ ପୋଲିସ ପରିବାର ଲୋକଙ୍କୁ ନେଇ ଅଗ୍ନିଶମ ବାହିନୀ, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଅଗ୍ନିଶମ କର୍ମଚାରୀ ପୋଖରୀରୁ ହେଲ୍‌ମେଟ, ବ୍ୟାଗ୍, ଚପଲ ଏବଂ କିଛି କାଗଜପତ୍ର ଜବତ କରିଥିଲେ। ଏହାକୁ ପରିବାର ଲୋକେ ମଧ୍ୟ ଚିହ୍ନଟ କରିଥିଲେ। ପରେ ଗଦାଧରଙ୍କ ପୁଅ ମନୋରଞ୍ଜନଙ୍କ ଅଭିଯୋଗକ୍ରମେ ପୋଲିସ ଗୁରୁଜଙ୍ଗର ସମ୍ପୃକ୍ତ ମହିଳାଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ଅପରାହ୍ନରେ ତାଙ୍କ ବାସଭବନରେ ଛାନ୍‌ଭିନ୍ କରିଥିଲା। ସମ୍ପୃକ୍ତ ମହିଳାଙ୍କ ଘରେ ପୋଲିସ, ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ତନାଘନା କରିଛି। ଘର ଭିତରେ ତନ୍ତ୍ର ପୂଜାପାଠ ଚାଲିଥିବା ପୋଲିସ ଜାଣିବାକୁ ପାଇଛି। ଅଧିକ ପଚରାଉଚରା ପାଇଁ ପୋଲିସ ପୁଣିଥରେ ତାଙ୍କୁ ଥାନାକୁ ନେଇଛି। ଗୁରୁଜଙ୍ଗର ସମ୍ପୃକ୍ତ ମହିଳା କହିଛନ୍ତି, ଗଦାଧର ତନ୍ତ୍ରବିଦ୍ୟା କରନ୍ତି। ମୋ ଝିଅର ଦେହ ଖରାପ ହେଲେ ସେ ଆସି ଝଡ଼ାଫୁଙ୍କା କରନ୍ତି। ୮ କିମ୍ବା ୧୫ ଦିନରେ ଗଦାଧର ଥରେ ଆସିଥାନ୍ତି। ସେ ଫୁଲବାଣୀ ଯିବେ ବୋଲି କହୁଥିଲେ। ବିଲବାଡ଼ି କାମ, ଝିଅ ବାହାଦେବା ପରେ ଧାରକରଜ ହୋଇଯାଇଛି। ସୋମବାର ଯାଇ ଗୁରୁବାର ଫେରିବେ ବୋଲି କହିଥିଲେ। ମାସେ ତଳେ ଫୋନ୍ କରିଥିଲେ। ହନୁମାନ ପଇସା ସନ୍ଧାନ ପାଇଥିବା କହିଥିଲେ। ଏହାର ମୂଲ୍ୟ ପ୍ରାୟ ୧.୫ କୋଟି ଟଙ୍କା ହେବ, ରାତାରାତି ଧନୀ ହେବା ଆଶା ଦେଖାଇଥିଲେ। ତାଙ୍କୁ ଯିବାକୁ କହିଥିଲେ ମଧ୍ୟ ସେ ମନା କରିଥିଲେ। ଶୁକ୍ରବାର ରାତିରେ ଫୋନ କରିଥିଲେ। କିଛି ଟଙ୍କା ଦରକାର ଥିବା କହିଥିଲେ। ସେ ଘରକୁ ଆସିନାହାନ୍ତି। ସେ ଜଣେ ଭଲ ବନ୍ଧୁ ଥିଲେ, ତାଙ୍କ ସହ କୌଣସି ଶତ୍ରୁତା ନାହିଁ ବୋଲି କହିଛନ୍ତି। ସେହିପରି ନିଖୋଜ ଗଦାଧରଙ୍କ ଝିଅ କହିଛନ୍ତି, ଗତ ୩ ତାରିଖ ଅପରାହ୍ନରେ ବାପା ଖୋର୍ଦ୍ଧା ଗୁରୁଜଙ୍ଗ ଯାଉଛି କହି ଯାଇ ଆଉ ଫେରି ନ ଥିଲେ। ଫେରିବାରେ ବିଳମ୍ବ ହେବାରୁ ବାପାଙ୍କ ଅନ୍ୟ ଏକ ଫୋନ୍‌ରୁ ଗୁରୁଜଙ୍ଗର ଜଣେ ମହିଳାଙ୍କ ଲେଖାହୋଇଥିବା ନମ୍ବରକୁ କଲ୍ କରିଥିଲି, ସେ କହିଥିଲେ ତୁମ ବାପା ଯେଉଁଠି ଅଛନ୍ତି ଭଲରେ ଅଛନ୍ତି, ଫେରିଯିବେ। ପୁଣିଥରେ ଭୋରୁ ଫୋନ କରିବା ବେଳେ ସେ କହିଥିଲେ, ୪ରୁ ୫ ଜଣଙ୍କ ସହ ସେ ଫୁଲବାଣୀ ଯାଇଛନ୍ତି। ପରେ ଥାନାରୁ ଫୋନ୍ ପାଇ ଆସି ପହଞ୍ଚି ବାପାଙ୍କ ବାଇକ୍, ହେଲ୍‌ମେଟ ଚିହ୍ନଟ କରିଥିଲୁ। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଜାରି ରହିଛି ବୋଲି ସଦର ଏସ୍‌ଡିପିଓ କହିଛନ୍ତି।

**ମହିଳା ନିଖୋଜ**

କଣାସ, (ବିଭୂତି ଭୂଷଣ ତ୍ରିପାଠୀ) କଣାସ ବ୍ଲକ ଅଧୀନ ବେଣାଗାଁ ଗ୍ରାମର ମିନତି ଭୁଜବଳ(୪୪) ଗତ ୩୦ ତାରିଖରେ କେଉଁଆଡ଼େ ଚାଲିଯାଇଥିବା ତାଙ୍କ ଦିଅର ପ୍ରାଣକୃଷ୍ଣ ଭୁଜବଳ କଣାସ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଜୟକୃଷ୍ଣ ଭୁଜବଳଙ୍କ ପ୍ରଥମ ସ୍ତ୍ରୀ ମିନତି ବେଣାଗାଁରେ ରହୁଥିଲେ। ଜୟକୃଷ୍ଣ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସହ ଜୟକୃଷ୍ଣ କୋଟକଣା ଛକରେ ପୃଥକ ଭାବେ ରହୁଥିଲେ। ମିନତି ୩୦ ତାରିଖ ଭୋରୁ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି ପରେ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଯଦି କୌଣସି ବ୍ୟକ୍ତି ମିନତିଙ୍କ ସନ୍ଧାନ ପାଆନ୍ତି ନିକଟ ଥାନାରେ ଜଣାଇବାକୁ ପ୍ରାଣକୃଷ୍ଣ ନିବେଦନ କରିଛନ୍ତି।

# କୋଣାର୍କ ଏନ୍‌ଏସିରେ ୨କୋଟିର ଦୁର୍ନୀତି ଅଭିଯୋଗ

■ ବିନା ଟେଣ୍ଡରରେ ଘରୋଇ ସଂସ୍ଥାକୁ ଦିଆଯାଇଛି ଏକାଧିକ କାମ

■ ତଦନ୍ତ ଦାବି କଲା କଂଗ୍ରେସ, ଆନ୍ଦୋଳନ ପାଇଁ ଚେତାବନୀ

କୋଣାର୍କ,୫।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉନ୍ନୟନମୂଳକ କାର୍ଯ୍ୟରେ ୨କୋଟି ଟଙ୍କାର ଦୁର୍ନୀତି ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ବିନା ଟେଣ୍ଡରରେ ଗୋଟିଏ ନିର୍ଦ୍ଦିଷ୍ଟ ଘରୋଇ ସଂସ୍ଥାକୁ କୋଟି କୋଟି ଟଙ୍କାର ଏକାଧିକ କାମ ଦିଆଯାଇ ଅର୍ଥ ହରିଲୁଟ କରାଯାଇଥିବା ଏନ୍‌ଏସିର ୫ନମ୍ବର ୱାର୍ଡ କାଉନସିଲର ଇଂ. ନୀହାର ରଞ୍ଜନ ବେଉରା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। କାଉନସିଲର ବେଉରା ଅଭିଯୋଗ କରିଛନ୍ତି ଯେ, ଗତ ଜାନୁଆରୀରେ ୩ଟି ପ୍ରବେଶ ପଥ ତୋରଣ ଲଗାଇବା ନିମନ୍ତେ ପ୍ରାୟ ଏକ କୋଟି ଟଙ୍କା, ଡିଜିଟାଲ ଏଲ୍‌ଇଡି ବିଜ୍ଞାପନ ବୋର୍ଡ ନିମନ୍ତେ ୯୭ ଲକ୍ଷ ଟଙ୍କା ଏବଂ ତ୍ରିରଙ୍ଗା ଫେକ୍ସିବୁଲ ଏଲ୍‌ଇଡି ଲାଇଟ୍ ନିମନ୍ତେ ପ୍ରାୟ ୧୫ଲକ୍ଷ ଟଙ୍କା କଲ୍ ନୋଟିସ୍ ମାଧ୍ୟମରେ ଅନୁଗୋଳର ଘରୋଇ ସଂସ୍ଥା ମେସର୍ସ ଷ୍ଟାର୍ ଇଣ୍ଡିଆକୁ ଦିଆଯାଇଥିଲା। ଏହି ନିର୍ମାଣ କାମରେ ବିଭାଗୀୟ ଯନ୍ତ୍ରୀଙ୍କୁ ଏଷ୍ଟିମେଟ୍ ଦାୟିତ୍ୱ ନ ଦିଆଯାଇ ଅନ୍ୟତ୍ର ପ୍ରସ୍ତୁତ ଏଷ୍ଟିମେଟରେ କୋଣାର୍କ ଏନ୍‌ଏସିର ଯନ୍ତ୍ରୀଙ୍କୁ ଦସ୍ତଖତ କରିବା ପାଇଁ ବାଧ କରାଯାଇଥିଲା। ତେବେ ସମ୍ପୃକ୍ତ ଯନ୍ତ୍ରୀ ଏଥିଲାଗି ମନା କରିଦେବାରୁ ଗତ ୬ମାସ ଧରି ତାଙ୍କ ସହ ନିର୍ବାହୀ ଅଧିକାରୀଙ୍କ ବିବାଦ ଲାଗିରହିଥିଲା। ପରିଣାମ ସ୍ୱରୂପ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଇଥିଲା। ଭୁବନେଶ୍ୱର ପଟୁ କୋଣାର୍କ ଏନ୍‌ଏସିର ପ୍ରବେଶ ପଥରେ ଗୁଣ୍ଡିଠାରେ ଲଗାଯାଇଥିବା ୟୁ-ପିଭିସି ଏବଂ ଜିଆଇ ଆଙ୍ଗଲ ଗେଟ୍ ବାବଦରେ କୋଣାର୍କ ଏନ୍‌ଏସି ପକ୍ଷରୁ ନିର୍ମାଣକାରୀ ସଂସ୍ଥା ଷ୍ଟାର ଇଣ୍ଡିଆକୁ ୨୩ ଲକ୍ଷ ୪୩ ହଜାର ୪୬୮ଟଙ୍କା ପୈଠ କରାଯାଇଛି। କାକଟପୁର ବ୍ଲକ ଅନ୍ତର୍ଗତ ଚମ୍ପାହାର ମୌଜାଠାରେ ଆଉ ଗୋଟିଏ ଗେଟ୍ ମୂଳଦୁଆ ନିର୍ମାଣ ପରେ ନିର୍ବାହୀ ଅଧିକାରୀ ଅବଗତ ହେଲେ ଯେ, ଏହା କୋଣାର୍କ ଏନ୍‌ଏସି ଅଞ୍ଚଳ ପରିସରଭୁକ୍ତ ନୁହେଁ। ଏଣୁ ଗତ ୧ ତାରିଖରେ ସଂପୃକ୍ତ ନିର୍ମାଣକୁ ଛାଡ଼ି ୨୦୦ ଫୁଟ୍ ଦୂରରେ ଆଉ ଏକ ମୂଳଦୁଆ ତିଆରି କରି ୟୁ-ପିଭିସି ଗେଟ୍ ଲଗାଯାଇଛି। ଚନ୍ଦ୍ରଭାଗାଠାରେ ଛଅଥାକିଆ ରାଜପଥ ଉପରେ ଲାଗିବାକୁ ଥିବା ପ୍ରବେଶ ପଥ ତୋରଣ କାମ ଏପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ପୂର୍ବରୁ ଚନ୍ଦ୍ରଭାଗା, ବସ୍‌ଷ୍ଟାଣ୍ଡ ଓ ମେଡିକାଲ୍ ଛକଠାରେ ୯୭ଲକ୍ଷ ଟଙ୍କା ବ୍ୟୟରେ ତିନୋଟି ଡିଜିଟାଲ ଏଲ୍‌ଇଡି ବିଜ୍ଞାପନ ବୋର୍ଡ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଲଗାଯାଇଥିଲେ ମଧ୍ୟ ଏଯାବତ ଟଙ୍କାଟିଏ ଆୟ ଦର୍ଶାଯାଇନାହିଁ। ସେହିପରି ଚନ୍ଦ୍ରଭାଗାଠାରୁ କୋଣାର୍କ ମେଡିକାଲ ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟରେ ତ୍ରିରଙ୍ଗା ଫ୍ଲେକ୍ସିବଲ୍ ଏଲ୍‌ଇଡି ଲାଇଟ୍ ଲଗାଯାଇଥିଲେ ମଧ୍ୟ ଗୋଟିଏ ସପ୍ତାହ କାର୍ଯ୍ୟକ୍ଷମ ରହିବା ପରେ ଏହି ପ୍ରକଳ୍ପ ଖରାପ ହୋଇଯାଇଛି। କିନ୍ତୁ ନିର୍ମାଣକାରୀ ସଂସ୍ଥାକୁ ଦେୟ ପୈଠରେ କୌଣସି ଅବହେଳା ପ୍ରଦର୍ଶନ କରିନାହାନ୍ତି ଏନ୍‌ଏସି ଅଧିକାରୀ। ମୁକ୍ତା ଯୋଜନା, ସ୍ୱଚ୍ଛତା, ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା କରି କୋଟି କୋଟି ଟଙ୍କା ହଡ଼ପ କରାଯାଇଛି ବୋଲି କାଉନସିଲର ବେଉରା ଅଭିଯୋଗ ଆଣିଛନ୍ତି। ବେଉରାଙ୍କୁ ଚଞ୍ଚକତା କରି ପରିଷଦ ବୈଠକରୁ ଦୂରେଇ ରଖାଯାଉଛି। ଏହି ଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋଣାର୍କ ନଗର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ପୁରୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଏ ନେଇ ଖୁବ୍‌ଶୀଘ୍ର କଂଗ୍ରେସ ପକ୍ଷରୁ କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ସହିତ ବିକ୍ଷୋଭ ପ୍ରଦର୍ଶନ ଓ ରାସ୍ତା ଅବରୋଧ କରାଯିବ ବୋଲି କୋଣାର୍କ ନଗର କଂଗ୍ରେସ ସଭାପତି ଉପେନ୍ଦ୍ର କୁମାର କାଣ୍ଡି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ଏବଂ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳଙ୍କୁ ପଚାରିବାରେ କହିଛନ୍ତି, ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଯେଉଁ କାର୍ଯ୍ୟ କରାଯାଇଛି, ସବୁ ଠିକ୍ ଅଛି। କୌଣସି ଅନିୟମିତତା ହୋଇନାହିଁ। ଯଦି କୌଣସି ଅଭିଯୋଗ ହେଉଛି, ତେବେ ତା'ର ତଦନ୍ତ କରାଗଲେ ଆମେ ସେଥିରେ ସହଯୋଗ କରିବୁ।



ଶ୍ରାବଣ ମାସର ତୃତୀୟ ସୋମବାରରେ ପ୍ରଭୁ ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି ପାଇଁ କାଉଡ଼ିଆଙ୍କ ସମାଗମ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୫।୮।୨୦୨୪

| | |
|---|---|
| ୪,୦୮,୦୧୩ ଟଙ୍କା | |
| ସୁନା | ୨୦୦ମିଲି ଗ୍ରାମ୍ |
| ରୁପା | ୨୪.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ, ୫।୮(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଶୁକ୍ଳ ପ୍ରତିପ୍ରଦା ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିଛନ୍ତି। ଶ୍ରୀମନ୍ଦିରରେ ଦ୍ୱିତୀୟ ଭୋଗମଣ୍ଡପ ଓ ଦକ୍ଷିଣଘର ଭୋଗ ପରେ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିଥିଲେ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଖସାପଡ଼ା ନୀତି ନିମନ୍ତେ ଅପରାହ୍ନ ପ୍ରାୟ ୫ଟା ୪୦ରେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଏହି ନୀତି ପାଇଁ ପୂର୍ବରୁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥିଲେ। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥିଲେ। ଏହି ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତନୀତି ସମ୍ପନ କରିଥିଲେ। ଦଇତାପତିମାନେ ଗୁପ୍ତନୀତି ସାରି ସନ୍ଧ୍ୟା ୮ଟା ୧୦ରେ ଗର୍ଭଗୃହରୁ ବାହରିବା ପରେ ସିଂହାସନ ଧୁଆଯାଇ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢିଥିଲା।

### ଆଦିତ୍ୟ ବାହିନୀ ଦ୍ୱାରା ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର

ପୁରୀ, ୫।୮(ଅଜିତ୍ କୁମାର ମହାନ୍ତି)

ଆଦିତ୍ୟ ବାହିନୀ ଦ୍ୱାରା ନିଃଶୁଳ୍କ ଏକ ଦିବସୀୟ ଦନ୍ତ ଚିକିତ୍ସା ଶିବିର ସୋମବାର ଗୋବର୍ଦ୍ଧନ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ସଚିବ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ ମହାରାଜ ମଠ ପରିସରସ୍ଥିତ ଭାଗବତ କକ୍ଷରେ ଉଦଘାଟନ କରିଥିଲେ। ମଠରେ ବହୁ ସାଧୁସନ୍ଥଙ୍କ ସହିତ ହୃଷିକେଶ ବ୍ରହ୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଦିତ୍ୟ ବାହିନୀ ପୁରୀ ନଗର ଶାଖାର ସଦସ୍ୟମାନେ ପରିଚାଳନା କରିଥିଲେ। ଭୁବନେଶ୍ୱରସ୍ଥିତ ବାଲାଜୀ ସୁପରସ୍ପେଶାଲିଷ୍ଟ ହସ୍ପିଟାଲ ସହାୟତାରେ ଉକ୍ତ ଶିବିର ପରିଚାଳିତ ହୋଇଥିଲା। ମୋଟ ୭୨ ଜଣଙ୍କୁ ଚିକିତ୍ସିତ କରାଯାଇ ଓରାଲ କିଟ୍ ପ୍ରଦାନ କରାଯାଇଥିଲା। ହସ୍ପିଟାଲ ପକ୍ଷରୁ ଡା. ସଂଜୀବ ରାଉତ ଶିବିର ପରିଚାଳନା କରିଥିଲେ। ଆଦିତ୍ୟ ବାହିନୀର ସଦସ୍ୟ ମାତୃପ୍ରସାଦ ମିଶ୍ର, ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସଂଗ୍ରାମ କାନୁନଗୋ, ଅଜୟ ଗୋଛିକାର, କୁମାର ଭୀମସେନ, ରାମଚନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ସଚିବ ବିଶ୍ୱଶାନ୍ତି ତ୍ରିପାଠୀ ଏବଂ ନଗର ସଚିବ ତନ୍ମୟ ଚାଟାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗକୁ ମଧ୍ୟ ଏଭଳି କାର୍ଯ୍ୟକ୍ରମ କରାଯିବ ବୋଲି ମଠର ସୂଚନା ଓ ଗଣମାଧ୍ୟମ ପ୍ରମୁଖ ଦେବାଶିଷ ମିଶ୍ର କହିଛନ୍ତି।

### ଶ୍ରୀମନ୍ଦିରରେ ପଡ଼ିଯାଇ ବୋଝିଆ ଆହତ

ପୁରୀ,୫।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ସୋମବାର ଏକ ଅଘଟଣ ଘଟିଛି। ଭୋଗମଣ୍ଡପ ପୂଜା ସମ୍ପନ୍ନ ପରେ ଭୋଗମଣ୍ଡପ ଘରୁ ମହାପ୍ରସାଦ ନେଇ ଯାଉଥିବା ସମୟରେ ଜଣେ ବୋଝିଆ ସେବାୟତ ପଡ଼ିଯାଇ ଆହତ ହୋଇଛନ୍ତି। ସେ ହେଲେ କଣ୍ଡପୁରର କାଳୁ ବରାଳ (୩୨)। ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ କାଳୁ ମହାପ୍ରସାଦ ଭୋଗ ମଣ୍ଡପ ଘରୁ ବାହାରକୁ ଆଣୁଥିବାବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ପଡ଼ିଯାଇଥିଲେ। ତାଙ୍କ ଉପରେ ଗରମ ମହାପ୍ରସାଦ ପଡ଼ିଯାଇଥିଲା। ତାଙ୍କ ଡାହାଣ ଗୋଡ଼ରେ ଲାଗିଛି ଆଘାତ ଲାଗିବା ସହ ଫୋଟକା ହୋଇଯାଇଛି। ସେଠାରେ ଥିବା ଅନ୍ୟ ବୋଝିଆମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଚାରାରୋପଣ



ପୁରୀ,୫।୮(ଅଜିତ୍ କୁମାର ମହାନ୍ତି)

ଉତ୍କଳମଣି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରବିବାର ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ଜିଲ୍ଲା ବନ ବିଭାଗ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଅରୁଣ କୁମାର ଦାସ, ସମ୍ମାନିତ ଅତିଥି ରୂପେ ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅଭିମନ୍ୟୁ ଭୂୟାଁ, ସମାଜ ସେବିକା ପ୍ରତିଭା ତ୍ରିପାଠୀ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ କହିଥିଲେ। ପିସ୍ତା ବାଦାମ, ଲିମ୍ବ, କରଞ୍ଜ, ବଉଳ, ଅଁଳା, ଜାମୁ ଓ ବାହାଡା ଆଦି ୫୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ପରିଷଦର ସଭାପତି ଆଇନଜୀବୀ ପୁଷ୍କର ମହାପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଷଦର କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସମ୍ପାଦକ ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ, ଦେବୀ ମିଶ୍ର, ଫରେଷ୍ଟର ପ୍ରଦୀପ ଖୁଣ୍ଟିଆ, ଯୋଗେଶ୍ୱର ପ୍ରହରାଜ, ଡା. ପଦ୍ମଲୋଚନ ନାୟକ, ତପନ କୁମାର ସେଠୀ, ରତିକାନ୍ତ ପ୍ରତିହାରୀ, ସଂଗ୍ରାମ ନାଥ, ନାରାୟଣ ମିଶ୍ର ପ୍ରମୁଖଙ୍କ ସମେତ ଛାତ୍ରମାନେ ଉପସ୍ଥିତ ଥିଲେ।

## ବ୍ୟାଙ୍କ ସମ୍ମୁଖରୁ ସ୍କୁଟି ଚୋରି

ନିମାପଡ଼ା,୫।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ୟୁକୋ ବ୍ୟାଙ୍କ ସମ୍ମୁଖରୁ ସୋମବାର ଅପରାହ୍ନରେ ଏକ ସ୍କୁଟି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଥାନା ଅଧୀନ ବିଷ୍ଣୁପୁର ଗ୍ରାମର ଗାଡ଼ି ମାଲିକ ବିଭୂତି ଭୂଷଣ ସ୍ୱାଇଁ ୟୁକୋ ବ୍ୟାଙ୍କ ସମ୍ମୁଖରେ ତାଙ୍କ ସ୍କୁଟି ରଖି ବ୍ୟାଙ୍କକୁ ଯାଇଥିଲେ। ସେଠାରୁ କାମ ସାରି ଫେରିବା ବେଳକୁ ତାଙ୍କ ସ୍କୁଟିକୁ ପାଇ ନ ଥିଲେ। କେହି ଦୁର୍ବୃତ୍ତ ସ୍କୁଟି ହ୍ୟାଣ୍ଡେଲ ଲକ୍ ଭାଙ୍ଗି ଗାଡ଼ି ଚୋରି କରି ନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଠାବ କରାଯାଇ ଗିରଫ କରିବାକୁ ବିଭୂତିଙ୍କ ସମେତ ସ୍ଥାନୀୟ ଲୋକେ ପୋଲିସ ନିକଟରେ ଦାବି କରିଛନ୍ତି।

## ୨୯୦ ଦିବ୍ୟାଙ୍ଗ, ବୟସ୍କଙ୍କୁ ଦିଆଯିବ ସହାୟକ ଉପକରଣ

ଡେଲାଙ୍ଗ,୫।୮(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ସହାୟକ ଉପକରଣ ପ୍ରଦାନ କରିବା ନିମନ୍ତେ ବ୍ଲକ ପରିସରରେ ଚିହ୍ନଟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ (ଆଲିମକୋ) ଓ ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଏହି ଚିହ୍ନଟ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୪ଶହରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଓ ବୟସ୍କ ଲୋକଙ୍କ ମଧ୍ୟରୁ ୨୯୦ ଜଣ ଉପକରଣ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଆଲିମ୍‌କୋ ପକ୍ଷରୁ ଡା. ରାଜେଶ ନନ୍ଦ, ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ କ୍ଷିତୀଶ ବେହେରା, ବିଶ୍ୱରଞ୍ଜନ ପୃଷ୍ଟି, ଗୁରୁଦତ୍ତ ଲେଙ୍କା, ଅନିଲ ରାୟ ଓ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ତପନଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ନିମନ୍ତେ ଆବଶ୍ୟକୀୟ ସହାୟକ ଉପକରଣ ଚିହ୍ନଟ କରିଥିଲେ।

## ଖୁବ୍‌ଶୀଘ୍ର ହେବ ଅସ୍ତରଙ୍ଗ ଥାନା ନୂତନ କୋଠା ଉଦ୍‌ଘାଟନ

**ବୁଲି ଦେଖିଲେ ବରିଷ୍ଠ ଅଧିକାରୀ**

ଅସ୍ତରଙ୍ଗ,୫।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଖୁବ୍‌ଶୀଘ୍ର ଅସ୍ତରଙ୍ଗ ଥାନାର ନୂତନ କୋଠା ଉଦ୍‌ଘାଟନ ହେବ। ଏନେଇ ସୋମବାର ମଧ୍ୟାହ୍ନରେ ପୁରୀ ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ହେଡକ୍ୱାର୍ଟର ଡିଏସ୍‌ପି ତପନ ଦାସ, ନିମାପଡ଼ା ଡିଏସ୍‌ପି ପ୍ରଭାତ ମଲ୍ଲିକ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂଙ୍କ ସମେତ ପୋଲିସ ହାଉସିଂ ବୋର୍ଡ କର୍ମଚାରୀ ନିର୍ମାଣ ହୋଇଥିବା ନୂତନ ଥାନା ବୁଲି ଦେଖି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ନୂତନ କୋଠା ନିର୍ମାଣ କାର୍ଯ୍ୟ ୨୦୨୨ରେ ପୋଲିସ ହାଉସିଂ ବୋର୍ଡ ପକ୍ଷରୁ ଆରମ୍ଭ ହୋଇଥିଲା। ଏହି କୋଠାରେ ଆବଶ୍ୟକ ଥିବା ସମସ୍ତ ସରଞ୍ଜାମ ରହିଛି। ନିର୍ମାଣ କାର୍ଯ୍ୟ ଶେଷ ହେଲେ ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ ବୋଲି ଅଧିକାରୀମାନେ କହିଛନ୍ତି।

## ବ୍ରହ୍ମଚେତନା ପରିଷଦ ପକ୍ଷରୁ ଆଲୋଚନାଚକ୍ର

ନିମାପଡ଼ା,୫।୮(ବିଚିତ୍ରାନନ୍ଦ ସାହୁ)

ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ରହ୍ମ ଚେତନା ପରିଷଦ ପକ୍ଷରୁ ଏକ ଆଲୋଚନାଚକ୍ର ଓ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ନିମାପଡ଼ା ବ୍ଲକ ଶ୍ରୀମୁଖ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ପ୍ରତିହାରୀ ସାହିଠାରୁ ଶ୍ରୀମୁଖ ଛକ ପର୍ଯ୍ୟନ୍ତ ୨ କି.ମି. ବ୍ୟାପୀ ମୁଖ୍ୟରାସ୍ତାରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଏଥିସହ ନିକଟ ପୋଖରୀରୁ ଦଳ ସଫା କରାଯାଇଥିଲା। ପରିଷଦ ପକ୍ଷରୁ 'ଧରିତ୍ରୀ ମା' ପାଇଁ ଦିନଟିଏ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଅତିଥି ଭାବେ ପରିଷଦ ସମ୍ପାଦକ କବି ସୁକାନ୍ତ ଚନ୍ଦ୍ର ନନ୍ଦ, ସଭାପତି ପ୍ରଦୀପ କୁମାର ମିଶ୍ର, କୋଷାଧ୍ୟକ୍ଷ ହୃଷୀକେଶ ନନ୍ଦ, ବିଶ୍ୱନାଥ ପ୍ରଧାନ, ଲଳିତମୋହନ ଗୁମାନସିଂ, ସ୍ଥାନୀୟ ସରପଞ୍ଚ ମଞ୍ଜୁସ୍ମିତା ସାହୁ, ସମିତି ସଭ୍ୟ ତପନ ପ୍ରଧାନ, ସାମାଜିକ କର୍ମୀ ଆଦିତ୍ୟ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ସମ୍ପାଦକ କବି ନନ୍ଦ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବହୁ ପରିବେଶବିତ୍, ପ୍ରକୃତିପ୍ରେମୀ, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।




ଜାଗା ମିଶନରେ ପଟ୍ଟା ବଣ୍ଟନରେ ପ୍ରତାରଣା ପ୍ରତିବାଦରେ ପୁରୀ ବଳିଆପଣ୍ଡା ବିଜୟନଗର ବସ୍ତିବାସିନ୍ଦା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୫।୮(ଅଜିତ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ମୋଟ ୯୮ଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରୁ ୭୮ଟି ବ୍ୟକ୍ତିଗତ, ୩ଟି ଗ୍ରାମ ସମସ୍ୟା ସମ୍ପର୍କିତ, ୧୭ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସଂକ୍ରାନ୍ତ ଅଭିଯୋଗ ରହିଥିଲା। ତୁରନ୍ତ ୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ଆଇନ ଅନୁଯାୟୀ ଅନୁଧ୍ୟାନ କରି ତୁରନ୍ତ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ପୁରୀ ତହସିଲଦାର ଅଭିଷେକ ଦାଶ, ଏଡିଏମ୍‌ଓ ଡାକ୍ତର ବିରଜା ଶଙ୍କର ରଥ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅପରାହ୍ନରେ ନିଦାନ ବିଭାଗ କାଉଣ୍ଟର ଖୋଲାଯାଉ

**ଜିଲାପାଳଙ୍କୁ ଦାବିପତ୍ର**

ପୁରୀ, ୫।୮(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଠାରୁ ନମୁନା ସଂଗ୍ରହ ପାଇଁ ଅପରାହ୍ନରେ କାଉଣ୍ଟର ଖୋଲା ରଖିବାକୁ ନିବେଦନ କରି ଆଇନଜୀବୀ ଦିଲୀପ ବରାଳ ସୋମାବର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟ ସମସ୍ତ ବିଭାଗର ଆଉଟଡୋର ଖୋଲା ରହିବା ସମୟ ସକାଳ ୯ଟାରୁ ଅପରାହ୍ନ ୧ଟା ଏବଂ ୨ଟାରୁ ୫ଟା। ପ୍ରତ୍ୟେକ ଦିନ ବହୁ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥାନ୍ତି। ରୋଗୀମାନଙ୍କୁ ବିଭିନ୍ନ ପରୀକ୍ଷା ନିମନ୍ତେ ନିଦାନ ବିଭାଗକୁ ପଠାଇ ରିପୋର୍ଟ ଆଣି ଦେଖାଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ତେବେ ଅପରାହ୍ନ ସମୟରେ ଅର୍ଥାତ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ନିଦାନ ବିଭାଗ କାଉଣ୍ଟର ସବୁଦିନ ବନ୍ଦ ରହୁଛି। ରୋଗୀଙ୍କ ଠାରୁ ଅପରାହ୍ନରେ ନମୁନା ସଂଗ୍ରହ କରାଯାଉନାହିଁ। ଫଳରେ ରୋଗୀମାନେ ଅପରାହ୍ନରେ ବାଧହୋଇ ଘରୋଇ ନିଦାନ କେନ୍ଦ୍ରକୁ ଯାଇ ଖର୍ଚ୍ଚାନ୍ତ ହୋଇ ବିଭିନ୍ନ ପରୀକ୍ଷା କରାଉଛନ୍ତି। ଶହ ଶହ ରୋଗୀଙ୍କ ସ୍ୱାର୍ଥ ନିମନ୍ତେ ଅପରାହ୍ନ ସମୟରେ ନିଦାନ ବିଭାଗ କାଉଣ୍ଟର ଖୋଲା ରଖାଯାଇ ନମୁନା ସଂଗ୍ରହ କରାଯିବାକୁ ପଦକ୍ଷେପ ନେବା ପାଇଁ ବରାଳ ଦାବି କରିଛନ୍ତି।

## ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ସମାରୋହ

କୋଣାର୍କ,୫।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ କୋଣାର୍କ ଜ୍ଞାନ ମଞ୍ଚ ଓ ପଣ୍ଡିତ ନୀଳମଣି ସ୍ମୃତି କମିଟି, ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ପଞ୍ଚସଖା ଯୁଗର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ସମାରୋହ ସୋମବାର ପାଳିତ ହୋଇଯାଇଛି। କୋଣାର୍କ ଜ୍ଞାନ ମଞ୍ଚ ସଭାପତି ବରିଷ୍ଠ ସାମାଜିକ କର୍ମୀ ତଥା ସୁସଂଗଠକ ହରିଶ୍ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସ୍ୱର୍ଗତ ଦାସଙ୍କ ନାତି ଡ. ପୂର୍ଣ୍ଣେନ୍ଦୁ ଦାସ, ବରିଷ୍ଠ ଭାଷାବିତ୍ ପ୍ରଫେସର ଡ. ହରମୋହନ ମିଶ୍ର, ପ୍ରାକ୍ତନ ପ୍ରଶାସକ ତଥା ବିଶିଷ୍ଟ ସାହିତ୍ୟିକ ସିଦ୍ଧାର୍ଥ କାନୁନ୍‌ଗୋ, ମଞ୍ଚ ସମ୍ପାଦକ ସଞ୍ଜୟ ବରାଳ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଦାସଙ୍କ ସ୍ମୃତିଚାରଣ କରିଥିଲେ। ନୀଳକଣ୍ଠଙ୍କ ସମାଜ ପ୍ରତି ଅବଦାନ ଅତୁଳନୀୟ ଓ ଚିରସ୍ମରଣୀୟ ସହ ତାଙ୍କ ଇତିହାସ ପଥ ପ୍ରଦର୍ଶକ ଭାବେ ଏକ ଉଲ୍ଲେଖନୀୟ ସ୍ମୃତି ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ପୁରୀ ତଥା ଆଖପାଖ ଅଞ୍ଚଳର ୧୦୦ରୁ ଉର୍ଦ୍ଧ୍ୱ ଭାଷା, ସଂସ୍କୃତି, ଐତିହ୍ୟ ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଜ୍ଞାନ ମଞ୍ଚ ପକ୍ଷରୁ ପଣ୍ଡିତ ଦାସଙ୍କ ସମ୍ପର୍କରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଉପଢୌକନ ଓ ସିଲ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନିରଞ୍ଜନ ତ୍ରିପାଠୀ, ରମେଶଚନ୍ଦ୍ର ନାୟକ, ଜ୍ଞାନ ବିଶ୍ୱାଳଙ୍କ ସମେତ ଅନୁଷ୍ଠାନ କର୍ମକର୍ତ୍ତା ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ଏଫ୍‌ଏଲ୍‌ସି, ଫିଶିଙ୍ଗ ହାର୍ବୋର ନିର୍ମାଣ କରାଯାଉ

**ପାରମ୍ପରିକ ମତ୍ସ୍ୟ କର୍ମୀ ୟୁନିୟନ୍ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ପୁରୀ,୫।୮(ଅଜିତ୍ କୁମାର ମହାନ୍ତି)




ପୁରୀ ଜିଲା ପାରମ୍ପରିକ ମତ୍ସ୍ୟକର୍ମୀ ୟୁନିୟନ ପକ୍ଷରୁ ୧୩ ଦଫା ଦାବି ନେଇ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ୟୁନିୟନର ସଭାପତି ବାବୁଲା ପ୍ରସାଦଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି। ଜିଲାର ମଞ୍ଜୁରୀପ୍ରାପ୍ତ ଓ ଟେଣ୍ଡର ହୋଇଥିବା ୫ଟି ଏଫ୍‌ଏଲ୍‌ସି (ଫିଶ୍ ଲାଣ୍ଡିଂ ସେଣ୍ଟର) ଏବଂ ଗୋଟିଏ ଫିଶିଙ୍ଗ ହାର୍ବୋର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ସପକୋଟି, ପେଣ୍ଠକୋଟା, ଅରଖକୁଦୀ, ଚନ୍ଦ୍ରଭାଗା, କାଳିଆକଣା ଓ ନୂଆଗଡ଼ ଆଦିରେ ଫିଶିଙ୍ଗ ହାର୍ବୋର କାର୍ଯ୍ୟ ଆରମ୍ଭ କରାଯାଉ। ଜିଲାର ଅବଶିଷ୍ଟ ମତ୍ସ୍ୟଜୀବୀ ଗ୍ରାମରେ ନୂତନ ଫିଶିଂ ହାର୍ବୋର ଏବଂ ନୂତନ ଏଫ୍‌ଏଲ୍‌ସି ଆବଶ୍ୟକତାକୁ ବିଚାର ନିରକ୍ଷଣ କରି ମଞ୍ଜୁର କରିବା, ତାଳବଣିଆରେ ଚାଲିଥିବା ହାଇଜେନିକ୍ ଫିଶ୍ ମାର୍କେଟ ନିର୍ମାଣ କାର୍ଯ୍ୟ ତୁରନ୍ତ ଲୋକାର୍ପଣ କରିବା ସହ ମତ୍ସ୍ୟଜୀବୀ ବେକାର ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି ଯୋଗାଇ ଦେବାକୁ ଦାବି ହୋଇଛି। ଜିଲାର ସମସ୍ତ ପ୍ରାଥମିକ ସାମୁଦ୍ରିକ ମତ୍ସ୍ୟ ସମନ୍ୱୟ ସମିତି ସଭ୍ୟଙ୍କୁ ନେଇ ପୁରୀ ଜିଲା କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ସମବାୟ ସମିତି ଲିମିଟେଡ୍ ଗଠନ କରିବା, ସେଭିଙ୍ଗ କମଥ ରିଲିଫ ଯୋଜନାରେ ମହିଳାଙ୍କୁ ଅନ୍ତର୍ଭୁକ୍ତ କରିବା, ମତ୍ସ୍ୟଜୀବୀ ମହିଳା ଓ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ସାମାଜିକ ଓ ଅର୍ଥନୀତି ଉନ୍ନତି ନିମନ୍ତେ ଧନ୍ଦାମୂଳକ ତଥା ବିକଳ୍ପ ଜୀବନ ଓ ଜୀବିକାର ତାଲିମ ସହ ଋଣ ଦେବା, ଅଣ ସାମୁଦ୍ରିକ ମତ୍ସ୍ୟଜୀବୀ ଗ୍ରାମକୁ ସାମୁଦ୍ରିକ ମତ୍ସ୍ୟଜୀବୀ ଗ୍ରାମର ମାନ୍ୟତା ଦେବା ସହ ବାଟମାରଣା ହୋଇଥିବା ଯୋଜନାର ତଦନ୍ତ କରି ପଦକ୍ଷେପ ନିଆଯାଉ। ଜିଲାରେ ଡଙ୍ଗା, ଜାଲ ଓ ଇଞ୍ଜିନ ସାମୁଦ୍ରିକ ମତ୍ସ୍ୟଜୀବୀ ଗ୍ରାମକୁ ଜନସଂଖ୍ୟା ତୁଳନାରେ ଓ ଆବଶ୍ୟକତା ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ରିହାତି ଋଣ ମାଧ୍ୟମରେ ଯୋଗାଇ ଦେବା, ମତ୍ସ୍ୟଜୀବୀ ପରିବାରର ଦ୍ୱାଦଶ ଏବଂ ସ୍ନାତକ ପାସ୍ କୃତୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରୋତ୍ସାହନ ରାଶି ଯୋଗାଇ ଦେବା, ମତ୍ସ୍ୟଜୀବୀଙ୍କୁ ଜମିପଟ୍ଟା ଓ ପ୍ରମାଣପତ୍ର ଦେବା ସହ ଅନ୍ୟାନ୍ୟ ଦାବି ପୂରଣ କରିବା ନିମନ୍ତେ ଜିଲାପାଳଙ୍କୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

# ସପ୍ତାହକରେ ଗଲାଣି ୪ ଜୀବନ, ୨ ନିଖୋଜ

କଟକ,୫।୮ (କାର୍ତ୍ତିକ ସାହୁ)

**ବୃଦ୍ଧି ପାଉଛି ଆତ୍ମହତ୍ୟା ପ୍ରବଣତା**

ଦିନକୁ ଦିନ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି। ବିଭିନ୍ନ କାରଣରୁ ମାନସିକ ଭାରସାମ୍ୟ ହରାଇ ଲୋକମାନେ ଆତ୍ମହତ୍ୟାର ପଥ ବାଛି ନେଉଛନ୍ତି। ସପ୍ତାହକ ମଧ୍ୟରେ କଟକରେ ୬ଟି ଜୀବନ ଅକାଳରେ ଗଲାଣି। କେହି ନଦୀକୁ ଡେଇଁଛନ୍ତି ତ କେହି ବିଷ ପିଇଛନ୍ତି। ଏଗୁଡ଼ିକର ଘଟଣାକ୍ରମକୁ ଦେଖିଲେ ଆତ୍ମଚିନ୍ତନ ତଥା ସଚେତନତା ଜରୁରୀ ବୋଲି ବୁଦ୍ଧିଜୀବୀ ଓ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଗତ ଜୁଲାଇ ୩୧ରେ ତ୍ରିଶୁଳିଆ ନେତାଜୀ ସେତୁରେ ମମତା ସାହୁ ନାମ୍ନୀ ମହିଳା ସ୍କୁଟି ଥୋଇ କାଠଯୋଡ଼ିକୁ ଡେଉଁଥିବା ସନ୍ଦେହ କରାଯାଉଥିବାବେଳେ ଏପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳିନାହିଁ। ମହିଳା ଜଣକ କଟକର ଏକ ପ୍ରତିଷ୍ଠିତ ବିଦ୍ୟାଳୟର ଶିକ୍ଷୟିତ୍ରୀ ହୋଇଥିବାବେଳେ ଓଡ଼ିଆ ବଜାରରେ ସପରିବାର ରହୁଥିଲେ। ଅଗଷ୍ଟ ୧ରେ ଜଣେ ଯୁବକ ନେତାଜୀ ସେତୁରେ କାର୍ ଥୋଇ କାଠଯୋଡ଼ିକୁ ଡେଇଁ ପଡ଼ିଥିବା ସନ୍ଦେହ କରାଯାଉଥିବାବେଳେ ତାଙ୍କର କୌଣସି ସନ୍ଧାନ ଏଯାଏ ମିଳିନାହିଁ। ଅଗଷ୍ଟ ୨ରେ ଖାନ୍‌ନଗରର ମନୋଜ ବେହେରା ନାମକ ଯୁବକ ଗୋପାଳପୁର ନିକଟ କାଠଯୋଡ଼ି ସେତୁରୁ ଡେଇଁ ପଡିବାରୁ ମୃତ୍ୟୁ ଘଟିଥିଲା। ଅଗ୍ନିଶମ କର୍ମଚାରୀ ତାଙ୍କର ମୃତଦେହ ଉଦ୍ଧାର କରିଥିଲେ। ଅଗଷ୍ଟ ୪ରେ ମହାନଦୀର ଯୋବ୍ରା ବ୍ୟାରେଜ୍‌ରେ କାମିନୀ ସ୍ୱାଇଁ ନାମ୍ନୀ ମହିଳା ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କର ମୃତଦେହ ମତ୍ସ୍ୟବୀଜୀ ଉଦ୍ଧାର କରିଥିଲେ। ଅନ୍ୟ ଏକ ଘଟଣା କ୍ରମରେ ମର୍କତନଗର ଥାନା ସେକ୍ଟର-୬ ଅଞ୍ଚଳରେ ଭଡ଼ାରେ ରହୁଥିବା ବ୍ରହ୍ମପୁର ଅଞ୍ଚଳର ଜଣେ ଆଇନଜୀବୀ ସପରିବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲା। ସେମାନଙ୍କ ମଧ୍ୟରୁ ଆଇନଜୀବୀ ଉମାଚରଣ ପଣ୍ଡା(୮୫) ଓ ତାଙ୍କ ସ୍ତ୍ରୀ ସରୋଜିନୀ ପଣ୍ଡା(୭୬)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେମାନଙ୍କ ପୁଅ ସୌମ୍ୟରଞ୍ଜନ ପଣ୍ଡା(୪୪) ଏବେ ବି ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି।

### ଆତ୍ମହତ୍ୟା ମାନସିକତା ଆସିଲେ ନିକଟତମ ଲୋକଙ୍କୁ ଜଣାନ୍ତୁ



କେତେକ ଜନସାଧାରଣ ପରିସ୍ଥିତିକୁ ମୁକାବିଲା କରି ନ ପାରି ମାନସିକ ଚାପର ବଶଃବର୍ତ୍ତୀ ହୋଇ ଆତ୍ମହତ୍ୟା ଉଦ୍ୟମ କରିଥାନ୍ତି। କେତେକ ବ୍ୟକ୍ତି ହଠାତ ଭାବପ୍ରବଣତା ଓ ଆବେଗପ୍ରବଣତାର ଶିକାର ହୋଇ ଆତ୍ମହତ୍ୟା କରିଥାନ୍ତି। ଆତ୍ମହତ୍ୟା ଚିନ୍ତା ମନରେ ଆସିଲେ ନିଜ ମନର କଥା ନିକଟତର ଲୋକଙ୍କୁ ଜଣାନ୍ତୁ। ପରିବାରର କୌଣସି ବ୍ୟକ୍ତିଙ୍କଠାରେ ଯଦି ଆପଣ ଆତ୍ମହତ୍ୟା ପ୍ରବଣତା ଦେଖୁଛନ୍ତି, ତେବେ ତାଙ୍କ ମନର ଭାବନା ଓ ସମସ୍ୟା ସମ୍ବନ୍ଧରେ ଜାଣିବା ପାଇଁ ଚେଷ୍ଟା କରନ୍ତୁ। ବ୍ୟକ୍ତିଙ୍କୁ କେବେ ବି ଏକୁଟିଆ ଛାଡ଼ନ୍ତୁ ନାହିଁ। ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ। ସେମାନଙ୍କୁ ଉଚ୍ଚମାନର ମାନସିକ ଚିକିତ୍ସା ଯୋଗାଇ ଦିଆଯିବା ଜରୁରୀ। ଯୁବତୀଯୁବକମାନେ ନିଜ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମସଜ୍ଞମତା ବଢ଼ାନ୍ତୁ। ଏଥିସହ ସକାରାତ୍ମକ ମନୋଭାବ ନେଇ ସମସ୍ତ କାମ କରନ୍ତୁ।

**-ଡା. ସତ୍ୟକାମ ମହାପାତ୍ର, ମାନସିକ ରୋଗ ବିଶେଷଜ୍ଞ**

### ଅଗ୍ନିଶମ ବାହିନୀ ସର୍ବଦା ପ୍ରସ୍ତୁତ



ବର୍ଷାଦିନେ ଭରା ନଦୀଜଳରୁ ଲୋକଙ୍କୁ ଉଦ୍ଧାର କରିବା ନିମନ୍ତେ ଅଗ୍ନିଶମ ବାହିନୀ ସର୍ବଦା ପ୍ରସ୍ତୁତ ରହିଛି। ପ୍ରତିଟି ଜୀବନ ଅତ୍ୟନ୍ତ ମୂଲ୍ୟବାନ୍। ପରିସ୍ଥିତି ଯାହା ହେଉଥାଉ କୌଣସି ବ୍ୟକ୍ତି କେବେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଗ୍ନିଶମ ବାହିନୀ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ସମସ୍ତ ପ୍ରକାର ବୈଷୟିକ କୌଶଳ ଉପଯୋଗ ଜରିଆରେ ଏଥିପ୍ରତି ସତର୍କ ଦୃଷ୍ଟି ରଖିଛି। କୌଣସିଠାରେ ଏଭଳି ଅଘଟଣ ଘଟିବାର ସୁରାକ ପାଇଲେ ତୁରନ୍ତ ଜରୁରିକାଳୀନ ନମ୍ବରରେ ଫୋନ୍ କରି ଜଣାନ୍ତୁ।

**-ସଞ୍ଜୀବ କୁମାର ବେହେରା, କଟକ ଜିଲା ଅଗ୍ନିଶମ ଅଧିକାରୀ**

# ୱାଟ୍‌କୋ ଜେନେରାଲ ମ୍ୟାନେଜରଙ୍କୁ ଭେଟିଲେ କଂଗ୍ରେସ କର୍ପୋରେଟର



ୱାଟ୍‌କୋ ଜେନେରାଲ ମ୍ୟାନେଜରଙ୍କ ସହ କଂଗ୍ରେସ କର୍ପୋରେଟର ଆଲୋଚନା କରୁଛନ୍ତି।

କଟକ,୫।୮ (କାର୍ତ୍ତିକ ସାହୁ)

**ରାସ୍ତା ଦବିଯିବା ଘଟଣା**

କଟକ ମହାନଗର ନିଗମ(ସିଏମ୍‌ସି)ର କଂଗ୍ରେସ କର୍ପୋରେଟର ଓ କଂଗ୍ରେସ ନେତୃବୃନ୍ଦ ସୋମବାର ୱାଟ୍‌କୋ ସ୍ୱରେଜର ଜେନେରାଲ ମ୍ୟାନେଜରଙ୍କୁ ଭେଟିଛନ୍ତି। ସିଏମ୍‌ସି କାଉନ୍‌ସିଲ ବିରୋଧୀ ଦଳ ନେତା କର୍ପୋରେଟର ସନ୍ତୋଷ କୁମାର ଭୋଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜେନେରାଲ ମ୍ୟାନେଜରଙ୍କୁ ନୂଆପଡ଼ା ଅଞ୍ଚଳରେ ସଦ୍ୟ ଦବି ଯାଇଥିବା ରାସ୍ତା ସମ୍ପର୍କରେ ଆଲୋଚନା କରିଥିଲେ। କଟକ ସହରରେ ଜାଇକା ଦ୍ୱାରା ଶେଷ ହୋଇଥିବା ବିଭିନ୍ନ କାମର ତଦାରଖ ନ କରିବା ଦ୍ୱାରା ବିଭିନ୍ନ ସ୍ଥାନରେ ରାସ୍ତା ଏବଂ ସ୍ୱରେଜ ବ୍ୟବସ୍ଥା ଦବି ଯାଉଥିବା ସେମାନେ ଜେନେରାଲ ମ୍ୟାନେଜରଙ୍କୁ କହିଥିଲେ। କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ଅସରାଏ ବର୍ଷାରେ କଟକ ସହର ସାହିବସ୍ତିରୁ ଜଳ ନିଷ୍କାସନରେ ଘୋର ସମସ୍ୟା ସୃଷ୍ଟି ହେବା ସହ ମରଣଯନ୍ତା ପାଲଟିଛି ବୋଲି କର୍ପୋରେଟର ଭୋଳ ଅଭିଯୋଗ କରିଥିଲେ। ସ୍ୱର୍ଣ୍ଣପ୍ରଭା ପଶାୟତ, ସୁବାଶିଷ ପଟ୍ଟନାୟକ, ଲିଜାରାଣୀ ରାଉତ, ଜନାର୍ଦ୍ଦନ ପରିଡ଼ା, ପ୍ରତାପ ପରିଡ଼ା, ଅଜୟ ଗୋଚ୍ଛାୟତ, ରଶ୍ମି ରଞ୍ଜନ ମିଶ୍ର, ସନ୍ତୋଷ କୁମାର ପ୍ରଧାନ, ଅଜୟ ଦାସ, ଦିଲୀପ କୁମାର ନାୟକ ପ୍ରମୁଖ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ।

# ଶିବିରରେ ୭୮ ଅଭିଯୋଗ ଶୁଣାଣି

କଟକ ସଦର,୫।୮ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୬ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଅଭିଯୋଗର ଶୁଣାଣୀ ଭାରପ୍ରାପ୍ତ ଜିଲାପାଳ ଉମାକାନ୍ତ ରାଜ ଅନ୍ୟ ଅଧିକାରୀଙ୍କ ସହାୟତାରେ କରିଥିଲେ। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା ଉପରେ ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ସେହିପରି ସାମୂହିକ ଅଭିଯୋଗ ମଧ୍ୟରେ ପଞ୍ଚାୟତ ସମିତି ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବସିବା ପାଇଁ ଅନୁମତି ନ ଦେବା ଉପରେ ସୁବୋଧ ବେହେରା ଅଭିଯୋଗ କରିଥିଲେ। ବ୍ଲକ ଅଧକ୍ଷା ଓ ବିଡିଓ ମିଳିତ ଭାବେ ଏହା ଉପରେ ପଦକ୍ଷେପ ନେବା ପାଇଁ ଉମାକାନ୍ତ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜନସେବା କେନ୍ଦ୍ର ମାଧ୍ୟମରେ ଉତ୍ତରାଧିକାରୀ, ଆୟ ଓ ଅନ୍ୟାନ୍ୟ ପ୍ରମାଣପତ୍ର ଆବେଦନବେଳେ ସାଧାରଣ ଲୋକଙ୍କଠାରୁ ମୋଟା ଅଙ୍କର ଅର୍ଥ ନିଆଯାଉଛି। ନଚେତ୍ ଆବେଦନପତ୍ରକୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅଗ୍ରାହ୍ୟ କରି ଦେଉଥିବା ନେଇ ଭାଜପା ନେତା ଗୋକୁଳ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ କଟକ ସଦର ତହସିଲଦାର ସୁଜୟ କୁମାର ପତିଙ୍କୁ ଉମାକାନ୍ତ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଦଣ୍ଡଆସୀପଡ଼ା ଗ୍ରାମର ଅଜିତ୍ ବେହେରା ନାମକ ବ୍ୟକ୍ତି ନୟନଯୋଡ଼ି କିସମ ଜମିକୁ ଜଣେ ବ୍ୟକ୍ତି ବେଆଇନ ଦଖଲରେ ରଖି ରାସ୍ତା ଛାଡୁ ନ ଥିବା ଅଭିଯୋଗ କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ ଶିବୋ ଟପୋ, କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ, କଟକ ସଦର ବିଡିଓ ରୁମାନା ଜାଫ୍ରୀ ପ୍ରମୁଖ ସହଯୋଗ କରିଥିଲେ।





ଏସ୍‌ୟୁସିଆଇ(ସି) ପାର୍ଟିର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ କମ୍ରେଡ୍ ଶିବଦାସ ଘୋଷଙ୍କ ସ୍ମରଣ ଦିବସରେ କଟକ ସାରଳା ଭବନରେ ସୋମବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସଭାରେ ଉପସ୍ଥିତ ଅତିଥିବୃନ୍ଦ।

# କାଉଡ଼ିଆଙ୍କୁ ଥାନାଧିକାରୀଙ୍କ ଦୁର୍ବ୍ୟବହାର

ଫୁଲନଖରା,୫।୮ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅଧିକାରୀ କାଉଡ଼ିଆଙ୍କୁ ଦୁର୍ବ୍ୟବହାର କରିଥିବା ନେଇ କଟକ ଡିସିପିଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁସାରେ, ଭାଣପୁର ଯୁବକ ସଂଘ ପକ୍ଷରୁ ଭାଣପୁର ସର୍ଭିସ ରୋଡ୍ ନିକଟରେ କାଉଡ଼ିଆଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ସେଠାରେ ଟଣା ଯାଇଥିବା ତମ୍ବୁରେ କେତେଜଣ କାଉଡିଆ ବିଶ୍ରାମ ନେଉଥିଲେ। ରବିବାର ରାତି ପ୍ରାୟ ୧୦ଟାରେ କଟକ ସଦର ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ଏକ ଘରୋଇ ଗାଡ଼ିରେ ସେଠାରେ ପହଞ୍ଚିଥିଲେ। ଏହାକୁ ନେଇ କାଉଡିଆମାନେ ବିରୋଧ କରିଥିଲେ। ଫଳରେ ମଲ୍ଲିକ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିରେ କାଉଡିଆମାନେ ଅସନ୍ତୋଷ ପ୍ରକାଶ କରି ଡିସିପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅତିରିକ୍ତ ଡିସିପି ଅନିଲ ମିଶ୍ର କହିଛନ୍ତି, ପୋଲିସ କର୍ମଚାରୀ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସଦର ଥାନା ଅଧିକାରୀଙ୍କ ନାମରେ ଯେଉଁ ଅଭିଯୋଗ ଆସିଛି ତାହାର ତଦନ୍ତ ପାଇଁ ଜୋନ୍-୪ ଏସିପି ଉମାକାନ୍ତ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ସରିବା ପରେ ପଦକ୍ଷେପ ନିଆଯିବ। ଏନେଇ ସଦର ଥାନା ଅଧିକାରୀ ମଲ୍ଲିକ କହିଛନ୍ତି, କାଉଡିଆମାନେ ଜାତୀୟ ରାଜପଥର ସର୍ଭିସ ରୋଡ୍‌ଟି ବନ୍ଦ କରି ଦେଇଥିବା ନେଇ ରବିବାର ରାତିରେ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଅଭିଯୋଗ କରିଥିଲେ। ତେଣୁ ରାସ୍ତାରୁ ଟେଣ୍ଟ ହଟାଇବା ପାଇଁ ସେଠାକୁ ଯାଇଥିଲି। ସେଠାରେ କାହାକୁ ଦୁର୍ବ୍ୟବହାର କରିନାହିଁ ବୋଲି ମଲ୍ଲିକ କହିଛନ୍ତି।

# ନିଖୋଜ କାଉଡ଼ିଆଙ୍କ ମୃତଦେହ ଉଦ୍ଧାର

କଟକ,୫।୮ (କାର୍ତ୍ତିକ ସାହୁ)

ମହାନଦୀରେ ଭାସି ନିଖୋଜ ହୋଇଥିବା କାଉଡ଼ିଆଙ୍କ ମୃତଦେହ ସୋମବାର ସକାଳେ ଉଦ୍ଧାର କରାଯାଇଛି। ସେ ହେଲେ କଟକ ତିନିଘରିଆ ଅଞ୍ଚଳର ବିଶ୍ୱଜିତ୍ ବେହେରା(୨୨)। ଅଗ୍ନିଶମ ବାହିନୀ ବିଶ୍ୱଜିତ୍‌ଙ୍କ ମୃତଦେହ ମହାନଦୀର ଭଦିମୂଳ ଅଞ୍ଚଳରୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ରବିବାର ଅପରାହ୍ନରେ ମହାନଦୀର ଭଦିମୂଳ ନିକଟରେ କାଉଡ଼ିଆମାନେ ପାଣି ଉଠାଉଥିଲେ। ଏହି ସମୟରେ କେତେଜଣ କାଉଡ଼ିଆ ଜଳସ୍ରୋତରେ ଭାସିଯାଇଥିଲେ। କୂଳରେ ଥିବା ଅନ୍ୟମାନେ ସେମାନଙ୍କୁ ଗାମୁଛା ଦ୍ୱାରା ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ବିଶ୍ୱଜିତ୍‌ଙ୍କ ବ୍ୟତୀତ ଅନ୍ୟମାନେ ଜଳସ୍ରୋତରୁ ଉଦ୍ଧାର ହୋଇପାରିଥିଲେ। ମାତ୍ର ବିଶ୍ୱଜିତ୍ ଗାମୁଛା ଧରି ନ ପାରି ଭାସି ଯାଇଥିଲେ। ଚାଉଳିଆଗଞ୍ଜ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ରାତି ହୋଇଯିବାରୁ ଖୋଜା ବନ୍ଦ ରଖିଥିଲେ। ପୁଣି ସୋମବାର ସକାଳୁ ଖୋଜାଖୋଜି କରିବା ପରେ ମୃତଦେହ ମିଳିଥିଲା।

# ଶୈଳବାଳା କଲେଜରେ ସ୍ୱାଗତ ଉତ୍ସବ

କଟକ,୫।୮ (କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ପ୍ରଥମବର୍ଷ ଛାତ୍ରୀମାନଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ଅଧକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ଶୈକ୍ଷିକ ଅଧିକାରୀ ଡ. ବନ୍ଦନା ପାଠକ ସ୍ୱାଗତ ସମାବେଶର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ନାମଲେଖା ପ୍ରକ୍ରିୟା, କାର୍ଯ୍ୟନିର୍ଘଣ୍ଟ, ପରୀକ୍ଷା ପରିଚାଳନା, ର୍‍ୟାଗିଂ ନିରୋଧ କେନ୍ଦ୍ରର କାର୍ଯ୍ୟାବଳୀ, ଲିଙ୍ଗଜନିତ ଉତ୍ପୀଡ଼ନ ବିରୋଧୀ କେନ୍ଦ୍ର, ରେଞ୍ଜର-ରୋଭର, ଯୁବ ରେଡ୍‌କ୍ରସ, ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହୀନି, ଆତ୍ମରକ୍ଷା ପ୍ରଶିକ୍ଷଣ, ଜାତୀୟ ଶୈକ୍ଷିକ ଡିପୋଜିଟରୀ, ଛାତ୍ରୀ ନିବାସର ନିୟମାବଳୀ ଓ କ୍ରୀଡ଼ାକ୍ଷେତ୍ରର ସୁବିଧା ଆଦି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ପ୍ରଶାନ୍ତ କୁମାର ସାମନ୍ତରାୟ ନବାଗତା ଛାତ୍ରୀଙ୍କୁ ଆବଶ୍ୟକ ତଥା ଏକାନ୍ତ ପାଳନୀୟ ନିୟମାବଳୀ ଉପରେ ସୂଚନା ଦେଇଥିଲେ। ଡ. ସୁରେନ୍ଦ୍ର ପ୍ରସାଦ ଜେନା, ଡ. ନର୍ମଦା କୁମାରୀ ପରିଡ଼ା, ଡ. ପ୍ରଭାତ ମଞ୍ଜରୀ ମହାନ୍ତି, ଡ. ସଂଘମିତ୍ରା ପଣ୍ଡା, ଡ. ଯୋଗମାୟା ପଣ୍ଡା, ଡ. ଗାୟତ୍ରୀ କର, ଡ. ବିଦ୍ୟୁଲତା ସାହୁ, ମମତାରାଣୀ ସାହୁ, ଡ. ମୌସୁମୀ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ମତ ଉପସ୍ଥାପନ କରିଥିଲେ। ଡ. ସୁଜ୍ଞାନୀ କୁମାରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଡ. ସଞ୍ଚିତା ମିଶ୍ର ସଂକ୍ଷିପ୍ତ ସୂଚନା ଦେଇଥିଲେ। ସହ-ଶୈକ୍ଷିକ ଅଧିକାରୀ ଡ. ମମତା ଜେନା ଧନ୍ୟବାଦ ଦେଇଥିଲେ।

# ଧବଳେଶ୍ୱରଙ୍କୁ ଜଳଲାଗି କଲେ କାଉଡିଆ

ଖୁଣ୍ଟୁଣୀ,୫।୮ (ସଚ୍ଚିଦାନନ୍ଦ ପଣ୍ଡା)



ଶ୍ରାବଣର ତୃତୀୟ ସୋମବାରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଠାକୁରଙ୍କର ବିଭିନ୍ନ ନୀତି ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଭୋର ୫ଟାରେ ମନ୍ଦିର ଦ୍ୱାର ଖୋଲା ଯାଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା କାଉଡିଆ ବ୍ୟାରିକେଡ୍‌ରେ ଯାଇ ଠାକୁରଙ୍କ ନିକଟରେ ଜଳଲାଗି କରିଥିଲେ। ଏଥିସହ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। କଂକ୍ରିଟ ସେତୁ ବାହାରେ ପାଇକେରାପୁରଠାରେ ବାହୁଙ୍ଗି ରଖିବାକୁ ବ୍ୟବସ୍ଥା କରାଯାଇଥିଲା। ପୀଠରେ କଟକ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଗୁରୁଡିଝାଟିଆ ଥାନା ଅଧିକାରୀ ପରେଶ କୁମାର ମହାନ୍ତି, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଧବଳେଶ୍ୱର ଫାଣ୍ଡି ଅଧିକାରୀ ଗିରିଶ ମହାନ୍ତିଙ୍କ ସମେତ ୩ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ ଆଠଗଡ଼ ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ, ସମରେନ୍ଦ୍ର ଭଞ୍ଜ, ତିଗିରିଆ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ପରିଡା ପୀଠରେ ଉପସ୍ଥିତ ଥିଲେ।

# ଭାଗୀରଥିଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ

କଟକ,୫।୮ (କାର୍ତ୍ତିକ ସାହୁ)

ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ଏମ୍‌ପି, କଟକ ମ୍ୟୁନିସିପାଲିଟିର ପ୍ରଥମ ନିର୍ବାଚିତ ଅଧ୍ୟକ୍ଷ ତଥା ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସାଧାରଣ ସମ୍ପାଦକ ଭାଗିରଥି ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ମହାନଦୀର ଗଡ଼ଗଡ଼ିଆ ଘାଟରେ ତିଳତର୍ପଣ କରାଯାଇଥିଲା। ଏଥିସହ ଚହଟା ନଗରଠାରେ ଚାରାରୋପଣ ଏବଂ ଶେଖ୍ ବଜାରସ୍ଥିତ ଶିଶୁକନ୍ୟା ଆଶ୍ରମ 'ଆଦୃତ' ଠାରେ କୁନି ପିଲାମାନଙ୍କୁ ଭାଗିରଥି ମହାପାତ୍ରଙ୍କ ସମ୍ବନ୍ଧରେ ଅବଗତ କରି ତାଙ୍କର ଜୀବନ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ସାମାଜିକ କର୍ମୀ ସ୍ମୃତିରେଖା ପଟ୍ଟନାୟକ, ଟ୍ରଷ୍ଟ ସଭାପତି ନିରଞ୍ଜନ ପଣ୍ଡା, ଉପ ସଭାପତି କବିତା ମହାପାତ୍ର, ପରିଚାଳନା ଟ୍ରଷ୍ଟି ତଥା ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ହସ୍ତୀବାହିନୀଙ୍କ ନୀତିକାନ୍ତି ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ

କଟକ ସଦର,୫।୮ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣା ଗ୍ରାମର ଆରାଧ୍ୟା ମା' ହସ୍ତୀବାହିନୀ ଠାକୁରାଣୀଙ୍କ ଦୈନନ୍ଦିନ ନୀତିକାନ୍ତି ସ୍ୱାଭାବିକ କରିବାରେ ପଦକ୍ଷେପ ନେବା ପାଇଁ କଟକସ୍ଥିତ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପତ୍ରସଂଖ୍ୟା ୧୭୫୪/୧।୮।୨୦୨୪ରେ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ କନ୍ଦରପୁର ଥାନା ଅଧିକାରୀଙ୍କୁ ଅବଗତ କରାଯାଇଛି। ମନ୍ଦିର ଟ୍ରଷ୍ଟବୋର୍ଡ ଓ ସେବାୟତଙ୍କ ମଧ୍ୟରେ କିଭଳି ଶାନ୍ତିଶୃଙ୍ଖଳା ବଜାୟ ରଖାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ପତ୍ରରେ କୁହାଯାଇଛି। ମନ୍ଦିର ପରିସରରେ ସିସିଟିଭି ଲଗାଇବାକୁ ନେଇ ପରିଚାଳନା କମିଟି ଓ ସେବାୟତଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ କନ୍ଦରପୁର ଥାନା ଅଧିକାରୀଙ୍କ ନିକଟରେ ବିଚାରାଧୀନ ରହିଛି। ଏହି ବିବାଦକୁ ଦୃଷ୍ଟିରେ ଆୟୁକ୍ତଙ୍କ କାର୍ଯ୍ୟାଳୟର ନିରୀକ୍ଷକ ତଦନ୍ତ କରି ଏକ ରିପୋର୍ଟ ପ୍ରଦାନ କରିବା ପରେ ଏପରି ପଦକ୍ଷେପ ନିଆଯାଇଛି। ଅନ୍ୟପକ୍ଷରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ବିଚାରଧୀନ ରହିଛି ବୋଲି ସେବାୟତ ଅଲେଖ ରଣା କହିଛନ୍ତି।





ପ୍ୟାରୀମୋହନ ଏକାଡେମୀ ସ୍କୁଲ ପରିସରରେ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ କରାଯାଉଛି।

# ଶିଶୁଭବନ ସ୍ଥିତି ଯାଞ୍ଚ କଲେ ବିଧାୟିକା

କଟକ,୫।୮ (ଶିଳ୍ପା ପ୍ରିୟଦର୍ଶିନୀ)



ବିଧାୟିକା ସୋଫିଆ ଫିର୍ଦ୍ଦୋସ ଶିଶୁଭବନ ପରିସର ବୁଲି ଦେଖୁଛନ୍ତି।

ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସୋମବାର କଟକ ଶିଶୁଭବନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଦୀପ କୁମାର ଜେନା ଓ ସମସ୍ତ ଅଧିକାରୀଙ୍କ ସହ ମେଡିକାଲର ପୁରାତନ ଓ ନୂତନ କୋଠାର ରିଭ୍ୟୁ କରିଛନ୍ତି। ବୈଠକ ପରେ ବିଧାୟିକା ଶିଶୁଭବନ ନୂତନ କୋଠା ବୁଲି ଦେଖିଛନ୍ତି। ଏ ନେଇ ସୋଫିଆ କହିଛନ୍ତି, ପୁରୁଣା କୋଠାର ଭିତ୍ତିଭୂମି ନେଇ ଆଲୋଚନା କରାଯାଇଛି। ଡାକ୍ତର ଓ ନର୍ସ ପଦବୀ ଫାଙ୍କା ରହିବା ନେଇ ଆଲୋଚନା କରିଛୁ। ମେଡିକାଲ ପରିସର ସଫା କରିବା ଉଚିତ୍। ମେଡିକାଲରେ ଶିଶୁରୋଗୀଙ୍କ ସମ୍ପର୍କୀୟଙ୍କୁ କର୍ମଚାରୀ ଯେପରି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ ସେଥିପ୍ରତି ସୁପରିଣ୍ଟେଣ୍ଡେଣ୍ଟ ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ନୂତନ କୋଠାରେ ବେଡ୍ ସଂଖ୍ୟା, କର୍ମଚାରୀ ନିଯୁକ୍ତି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଛି। କାର୍ଯ୍ୟରେ ତାଳମେଳ ରହିଲେ ନୂତନ କୋଠା ଆସନ୍ତା ୪/୫ ମାସ ମଧ୍ୟରେ କାର୍ଯ୍ୟକାରୀ ହୋଇପାରିବ ବୋଲି ସୋଫିଆ କହିଛନ୍ତି। ଅପରପକ୍ଷରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଜେନା କହିଛନ୍ତି, ପୂର୍ବରୁ ସରକାରଙ୍କୁ ସମସ୍ତ ବିଷୟରେ ଅବଗତ କରାଯାଇଛି। ଜମି ଶିଶୁଭବନ ନାଁରେ ନ ଥିଲା ଏବଂ ଜମି ହସ୍ତାନ୍ତର ପ୍ରକ୍ରିୟା ଏବେ ଜାରି ରହିଛି। ସମସ୍ତ ବିଷୟରେ ବିଧାୟିକାଙ୍କ ସହ ଆଲୋଚନା କରାଯାଇଛି। ମେଡିକାଲରେ ଯେପରି ସମସ୍ତ କାମ ଭଲ ଭାବେ ହେବ ସେନେଇ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ଜେନା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲର ଉପାଧ୍ୟକ୍ଷ ଡା. ବକ୍ସିନା ମହାନ୍ତି, ଆକାଉଣ୍ଟ ଅଫିସର ସୁମିତା ସିଂ, କଟକ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ବିକି ଚକ୍ରବର୍ତ୍ତୀ, ସନ୍ତୋଷ କୁମାର ପାତ୍ର, ହରେକୃଷ୍ଣ ବେହେରା, ସୁରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅତ୍ୟାଧୁନିକ ଜ୍ଞାନକୌଶଳରେ ହେବ ରତ୍ନଭଣ୍ଡାର ଯାଞ୍ଚ

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**

- ଜମିଜମା କିଣାବିକା ସଂକ୍ରାନ୍ତ ନିୟମର ଚିଠା ପ୍ରସ୍ତାବକୁ ଅନୁମୋଦନ
- ଇ-ବସ୍ ଚଳାଚଳ, ଅର୍ପଣ ଚାଉଳ ବିନିଯୋଗ ନେଇ ଆଲୋଚନା



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟମାନେ।

ପୁରୀ,୫।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ଜରୁରୀ ବୈଠକରେ ରତ୍ନଭଣ୍ଡାର ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବା ସହ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ଯାଞ୍ଚ ପାଇଁ ନୂଆ ଏସ୍ଓପିକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ କରିଛି। ରାଜ୍ୟ ସରକାରଙ୍କ ଅନୁମତି ପରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରାଯାଇ ରତ୍ନଭଣ୍ଡାର ଯାଞ୍ଚ କରାଯିବ। ସେହିପରି ଶ୍ରୀମନ୍ଦିର ଅଧୀନରେ ଥିବା ଜମିର କିଣାବିକା ନେଇ ଶ୍ରୀମନ୍ଦିର ଜମି ପରିଚାଳନା ନିୟମ-୨୦୨୪ର ସ୍ୱତନ୍ତ୍ର ଚିଠା ପ୍ରସ୍ତାବ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବାକୁ ଆଲୋଚନା ହୋଇଥିବା ବେଳେ ଖୁବ୍ଶୀଘ୍ର ମହାପ୍ରଭୁଙ୍କ ଜମିରେ ଭୋଗ ଦଖଲରେ ଥିବା ବ୍ୟକ୍ତି ଏନ୍ଓସି ପାଇବେ ବୋଲି ସୂଚନା ଦିଆଯାଇଛି। ଖଣି ଖାଦାନ ଉତ୍ତୋଳନ ଓ ନିଲାମ ଏବଂ ସୁରକ୍ଷା ପାଇଁ ସରକାରୀ ମାଇନିଂ ଅଧିକାରୀ ନିୟୋଜିତ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ଅର୍ପଣ ଚାଉଳ ବିନିଯୋଗ ଏବଂ ଇ-ବସ୍ ଚଳାଚଳ ନେଇ ମଧ୍ୟ ଆଲୋଚନା କରାଯାଇଛି। ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଭର୍ଚୁଆଲରେ ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍ପି ପିନାକ ମିଶ୍ର, ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ, ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ସେବାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ବୈଠକ ପରେ ମୁଖ୍ୟ ପ୍ରଶାସକ ପାଢୀ କହିଛନ୍ତି, ୫ରୁ ୬ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାରର ଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେଠାରେ ଥିବା ପୁରୁଣା ଆଲମିରା ଓ ସିନ୍ଦୁକ କିପରି ସ୍ଥାନାନ୍ତର କରାଯିବ, ସେ ନେଇ ଆଲୋଚନା କରାଯାଇଥିଲା। ଲେଜର ସ୍କାନିଂ ତଥା ଅତ୍ୟାଧୁନିକ ବୈଜ୍ଞାନିକ ଉପାୟରେ ରତ୍ନଭଣ୍ଡାରର ଯାଞ୍ଚ ନେଇ ନୂଆ ଏସ୍ଓପିକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ ଦେଇଛି। ଏହା ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ସରକାରଙ୍କ ଅନୁମତି ପରେ ଏଏସ୍ଆଇ ରତ୍ନଭଣ୍ଡାର ଯାଞ୍ଚ କରିବ। ଏଥିପାଇଁ ବୈଷୟିକ ଓ ବିଶେଷଜ୍ଞମାନଙ୍କ ସହାୟତା ନିଆଯାଇ ଯାଞ୍ଚ ସହ ମରାମତି କରାଯିବ। ସେହିପରି ଭିତର ରତ୍ନଭଣ୍ଡାରରେ ଥିବା ସିନ୍ଦୁକ ଓ ଆଲମିରାଗୁଡ଼ିକୁ ନୀଳାଦ୍ରି ମ୍ୟୁଜିୟମକୁ ସ୍ଥାନାନ୍ତର ନେଇ ସ୍ୱତନ୍ତ୍ର ଏସ୍ଓପି ପ୍ରସ୍ତୁତ ହୋଇଛି। ଶ୍ରୀମନ୍ଦିର ଅଧୀନରେ ଥିବା ଜମିଜମାଗୁଡ଼ିକର କିଣାବିକା ନେଇ ପ୍ରସ୍ତୁତ ହୋଇଥିବା ଶ୍ରୀମନ୍ଦିର ଜମି ପରିଚାଳନା ନିୟମ-୨୦୨୪ର ଚିଠା ପ୍ରସ୍ତାବ ଅନୁମୋଦନ ପାଇଛି। ଏହି ଚିଠା ପ୍ରସ୍ତାବ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇବା ପରେ କାର୍ଯ୍ୟକାରୀ କରାଯିବ। ଭକ୍ତଙ୍କ ବ୍ୟବହାର ପାଇଁ ଅବଢ଼ା ଯୋଜନାରେ ୩୫ଟି ଇ-ବସ୍ ଆସିଥିଲା। ଉକ୍ତ ବସ୍ କେଉଁ ସଂସ୍ଥାକୁ ହସ୍ତାନ୍ତର କରାଯିବ ସେ ନେଇ ସରକାରଙ୍କୁ ଅବଗତ କରାଯିବ। ସରକାରଙ୍କ ଅଧିକୃତ ସଂସ୍ଥାକୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ ଅଧିକୃତ ସଂସ୍ଥା ଶ୍ରୀମନ୍ଦିର କର୍ମଚାରୀ ନିୟୋଜନ କରିବ। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଏହି କାର୍ଯ୍ୟ ହୋଇଆସୁଥିବାବେଳେ ସ୍ୱଚ୍ଛତା ଆଣିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଗଚ୍ଛିତ ଥିବା ଅର୍ପଣ ଚାଉଳ ବିନିଯୋଗ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳ ସମ୍ପୃକ୍ତ ନିଯୋଗ ସହ ଆଲୋଚନା କରି ପଦକ୍ଷେପ ନେବେ। ଖଣି ଖାଦାନ ଉତ୍ତୋଳନ ଓ ନିଲାମ ନିୟମ ପରିବର୍ତ୍ତନ ହୋଇଥିବାରୁ ଏହାର ନିଲାମ ଓ ସୁରକ୍ଷା ପାଇଁ ସରକାରୀ ଅଧିକାରୀ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଛି। ଭୂରାଜସ୍ୱ ଆଦାୟକୁ ଅଧିକ କଡ଼ାକଡ଼ି କରାଯିବ। ଖଣି ମାଫିଆ ଓ ଦୁରୁପଯୋଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଅନ୍ୟପକ୍ଷରେ ସିଂହଦ୍ୱାର ଥାନାକୁ ମଡେଲ ଥାନା କରିବା ପାଇଁ ସ୍ୱତନ୍ତ୍ର ଜାଗା ଓ ଭିତ୍ତିଭୂମି ଯୋଗାଇବାକୁ ଏସ୍ପିଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ନେଇ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ସଂପୃକ୍ତ ନିଯୋଗ ସହ ଆଲୋଚନା କରିବେ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

## ମାଉଣ୍ଟ ଏଲ୍ବ୍ରସ୍ ଚଢ଼ିବେ ବିଭାରାଣୀ



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିମାନେ ପର୍ବତାରୋହିଣୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭକାମନା ଜଣାଉଛନ୍ତି।

ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ)

**ସମ୍ବର୍ଦ୍ଧନା ସହ ଶୁଭକାମନା**

ଅନ୍ତର୍ଜାତୀୟ ପର୍ବତାରୋହିଣୀ ଢେଙ୍କାନାଳର ବିଭାରାଣୀ ପାତ୍ର ୟୁରୋପ ମହାଦେଶର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ ଏଲ୍ବ୍ରସ୍ ଚଢ଼ିବେ। ଏଥିପାଇଁ ୬ ତାରିଖ ମଙ୍ଗଳବାରଠାରୁ ଯାତ୍ରା ଆରମ୍ଭ କରିବେ। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲାର ସ୍ୱେଚ୍ଛାସେବୀ ସଂଗଠନ ଜଗବନ୍ଧୁ ଜରାଶ୍ରମ ଏବଂ ମହାବୋଧି ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ସୋମବାର ବୁଦ୍ଧମନ୍ଦିର ପ୍ରାଙ୍ଗଣରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଭାରାଣୀଙ୍କୁ ଜଗନ୍ନାଥଙ୍କ ପତିତପାବନ ବାନା, ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯିବା ସହ ଶୁଭକାମନା ଜ୍ଞାପନ କରାଯାଇଥିଲା। ମହାବୋଧି ସୋସାଇଟି ପକ୍ଷରୁ ଟ୍ରଷ୍ଟି ଡ. ସୌରେନ୍ଦ୍ର ମହାପାତ୍ର ୨୫ ହଜାର ଟଙ୍କା ଏବଂ ଜଗବନ୍ଧୁ ଜରାଶ୍ରମର ଶୁଭେଚ୍ଛୁଙ୍କ ତରଫରୁ ୭୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିଭାରାଣୀଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଭାଜପାର ବରିଷ୍ଠ ନେତା ଗୋଲକ ମହାପାତ୍ର, ଟାଟା ଷ୍ଟିଲ୍ ସିଏସ୍ଆର୍ ଓଡ଼ିଶା ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, କୁମାର ସୌରଭ, ଜଗବନ୍ଧୁ ଜରାଶ୍ରମର ପ୍ରତିଷ୍ଠାତା ତଥା ଉତ୍ସବର ଆୟୋଜକ ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଶୁଭୋଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

## ରତ୍ନଭଣ୍ଡାର ପ୍ରସଙ୍ଗ: ସିବିଆଇ ତଦନ୍ତ ଦାବି କଲେ ସୁଦର୍ଶନ

ପୁରୀ,୫।୮ (ଅଜିତ୍ କୁମାର ମହାନ୍ତି)

**ସତ ସାମ୍ନାକୁ ଆଣି ଲୋକଙ୍କ ସନ୍ଦେହ ଦୂର କରାଯାଉ**

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରତ୍ନଭଣ୍ଡାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରାଯାଇ ରତ୍ନଭଣ୍ଡାର ଯାଞ୍ଚ, ମରାମତି ସହ ପୁରୁଣା ସିନ୍ଦୁକ ଓ ଆଲମାରି ଆଦିକୁ ସ୍ଥାନାନ୍ତର କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ରତ୍ନଭଣ୍ଡାର ପ୍ରସଙ୍ଗରେ ସିବିଆଇ ତଦନ୍ତ ପାଇଁ ଦାବି କରିଛନ୍ତି।

ସୁଦର୍ଶନ ମତ ଦେଇଥିଲେ ଯେ, ଗତ ମାସ ୧୪ ତାରିଖରେ ପ୍ରଥମ ଥର ପାଇଁ ରତ୍ନଭଣ୍ଡାରକୁ ତଦାରଖ କମିଟି ପ୍ରବେଶ କରି ବାହାର ରତ୍ନଭଣ୍ଡାରରୁ ଅସ୍ଥାୟୀ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର କରିଥିଲେ। ବାହାର ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ସମ୍ପନ୍ନ କରି ଭିତର ରତ୍ନଭଣ୍ଡାର ନିକଟକୁ ଯାଇଥିଲେ। ତେବେ କମିଟି ଦେଖିବାକୁ ପାଇଥିଲେ ଯେ, ଭିତର ରତ୍ନଭଣ୍ଡାର ଦ୍ୱାରରେ ୩ଟି ତାଲା ପଡ଼ିଛି। ୩ଟି ତାଲା ମଧ୍ୟରୁ ଗୋଟିଏ ସିଲ୍ ଥିବାବେଳେ ଦୁଇଟି ତାଲାରେ ସିଲ୍ ବା ଜଉମୁଦ ନ ଥିଲା। ଯାହାକୁ ନେଇ ଭକ୍ତଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ପରିଚାଳନା କମିଟି ପକ୍ଷରୁ ରାଜ୍ୟ ସରକାରଙ୍କୁ ଉକ୍ତ ଘଟଣାର ସିବିଆଇ ତଦନ୍ତ କରାଯିବାକୁ ଅନୁରୋଧ କରାଯାଉ ବୋଲି ସୁଦର୍ଶନ ଦାବି କରିଛନ୍ତି। ଅପରପକ୍ଷରେ ଭିତର ରତ୍ନଭଣ୍ଡାର ଅବସ୍ଥା କ'ଣ ଥିଲା ତାହା ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି, ଯାହାକୁ ନେଇ ଭକ୍ତଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହେଲାଣି। ତେଣୁ ଲୋକଙ୍କ ମନରେ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରିବା ସହ ସତ୍ୟ ସାମ୍ନାକୁ ଆସିବା ନିମନ୍ତେ ସରକାର ସିବିଆଇକୁ ତଦନ୍ତ ଭାର ଦିଅନ୍ତୁ। ଫଳରେ କେଉଁ ମସିହାରେ ରତ୍ନଭଣ୍ଡାର ଶ୍ରୀମନ୍ଦିରରେ ନିର୍ମାଣ କରାଯାଇଥିଲା, କେବେ ରତ୍ନଭଣ୍ଡାର ଖୋଲାଯାଇଥିଲା ଏବଂ ଏ ସମ୍ପର୍କିତ ଅନ୍ୟାନ୍ୟ ବହୁ ତଥ୍ୟ ଲୋକଲୋଚନକୁ ଆସିପାରିବ। ତେଣୁ ସିବିଆଇ ତଦନ୍ତ କରାଯିବା ଉଚିତ ବୋଲି ସୁଦର୍ଶନ ମତବ୍ୟକ୍ତ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅମୟକୁମାର



@ ପ୍ରଶାନ୍ତ



@ ରାମକୃଷ୍ଣ



@ ସତ୍ୟମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ, ଏସ୍ପିଙ୍କୁ ନିର୍ଦ୍ଦେଶ

ପୁରୀ,୫।୮ (ଅଜିତ୍ କୁମାର ମହାନ୍ତି)

**ଜଗନ୍ନାଥଙ୍କ ଜମିରେ ବେଆଇନ ନିର୍ମାଣ**

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଉପରେ ବେଆଇନ ନିର୍ମାଣ ସମ୍ପର୍କିତ ଏକ ଅଭିଯୋଗ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ହୋଇଥିଲା। ଉକ୍ତ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଏବଂ ଏସ୍ପିଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ସମଙ୍ଗ ମୌଜାରେ ଏହି ଜମି ମହାପ୍ରଭୁଙ୍କ ନାଁରେ ରେକର୍ଡ ରହିଛି। ଏଥିସହିତ ସଂଲଗ୍ନ ଆଉ ଏକ ସରକାରୀ ଜମି ଉପରେ ମଧ୍ୟ ବେଆଇନ ନିର୍ମାଣ ହେଉଛି। ତେବେ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଆବଶ୍ୟକ ଅନୁସନ୍ଧାନ ପରେ ଏ ସମ୍ପର୍କରେ ମାମଲା ରୁଜୁ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ଏବଂ ଏସ୍ପିଙ୍କୁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି।

## 'ଅଙ୍ଗଦାନ ଅଭିଯାନ ଓଡ଼ିଶାରୁ ଆରମ୍ଭ ହେବା ଆବଶ୍ୟକ'

**ଏମ୍ବିବିଏସ୍ ପାଠ୍ୟକ୍ରମରେ ଯୋଡ଼ା ହେଲା ଅଙ୍ଗଦାନ, ପ୍ରତିରୋପଣ ବିଷୟ**

- ସଚେତନ ହେଲେ ଅଙ୍ଗଦାନ ପାଇଁ ଆଗ୍ରହ ବଢ଼ିବ: ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ
- ଅଙ୍ଗଦାନ ପାଇଁ ସହମତି ଦେଲେ ହାଇକୋର୍ଟ ମୁଖ୍ୟ ବିଚାରପତି



କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ଅନ୍ୟମାନେ।

କଟକ,୫।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଅଙ୍ଗଦାନ ଅଭିଯାନ ଓଡ଼ିଶାରୁ ଆରମ୍ଭ ହେବା ଆବଶ୍ୟକ। ମେଡିକାଲ ପାଠ୍ୟକ୍ରମ ବ୍ୟତୀତ ସ୍କୁଲ ଛାତ୍ରୀଛାତ୍ର ଅଙ୍ଗଦାନ ବିଷୟରେ ଜ୍ଞାନ ଅର୍ଜନ କରିବା ଜରୁରୀ। ଫଳରେ ଅଙ୍ଗଦାନ ପାଇଁ ଯୁବପିଢ଼ିଙ୍କ ସଂଖ୍ୟା ବଢ଼ିବ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ମତବ୍ୟକ୍ତ କରିଛନ୍ତି। ଏସ୍ସିବି ମେଡିକାଲର ୟୁରୋଲୋଜି, ନେଫ୍ରୋଲୋଜି ବିଭାଗ, ଏସ୍ସିବି ଛାତ୍ର ସଂଘ ଏବଂ ସୋଟୋର ମିଳିତ ଆନୁକୂଲ୍ୟରେ ଏସ୍ସିବି ମେଡିକାଲର ନୂତନ ଅଡିଟୋରିୟମଠାରେ ଭାରତୀୟ ଅଙ୍ଗଦାନ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ସିଂ ଯୋଗଦେଇ କହିଛନ୍ତି, ଅଙ୍ଗଦାନ ପାଇଁ ଥିବା ସ୍ୱତନ୍ତ୍ର ଆଇନ ବିଷୟରେ ଯୁବପିଢ଼ି ଜାଣିବା ଆବଶ୍ୟକ। ଅଙ୍ଗଦାନ ଦ୍ୱାରା ଅନ୍ୟର ଜୀବନ ବଞ୍ଚିପାରୁଛି। ତେଣୁ ଏହି କ୍ଷେତ୍ରରେ ସଚେତନ ହେବା ଜରୁରୀ। ଅଙ୍ଗଦାନ ପାଇଁ ସେ ସ୍ୱଇଚ୍ଛାରେ ସମ୍ମତି ଜଣାଇଥିବା ସିଂ କହିଛନ୍ତି।

ସମ୍ମାନିତ ଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଓଡ଼ିଶାରେ ଅଙ୍ଗଦାନ ଓ ପ୍ରତିରୋପଣ ପାଇଁ ହେଉଥିବା ଅଭିଯାନରେ ସମସ୍ତେ ସାମିଲ ହେବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପ୍ରାୟ ସାଢ଼େ ୩ ହଜାର ଚିଠି ପାଇଛି। ସେଥିମଧ୍ୟରୁ ୧୨୦ଟି ଚିଠି ଅଙ୍ଗଦାନ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ପଠାଇଛନ୍ତି। ସଚେତନ ହେଲେ ଅଙ୍ଗଦାନ ପାଇଁ ଲୋକଙ୍କ ଆଗ୍ରହ ବଢ଼ିବ। ରାଜ୍ୟର ୧୨ଟି ମେଡିକାଲ କଲେଜରେ ଅଙ୍ଗଦାନ ପାଇଁ ଉତ୍କର୍ଷ କେନ୍ଦ୍ର କରାଯିବ। ଅଙ୍ଗଦାନ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାରକୁ ସହୃଦୟରୁ ଧନ୍ୟବାଦ ଜଣାଉଛି ବୋଲି ମହାଲିଙ୍ଗ କହିଛନ୍ତି।

ମୁଖ୍ୟବକ୍ତା ଓଡ଼ିଶା ସ୍ୱାସ୍ଥ୍ୟବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁ କହିଛନ୍ତି, ଦାନ ଓ ସେବା ମଣିଷ ଜୀବନରେ ବହୁ ଗୁରୁତ୍ୱ ବହନ କରେ। ସେଥିମଧ୍ୟରୁ ଅଙ୍ଗଦାନ ହେଉଛି ସୁପ୍ରିମୋ ଦାନ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ଡିଏମ୍ଇଟି ପ୍ରଫେସର ଡା. ଉମାକାନ୍ତ ଶତପଥୀ, ଶରୀର ଅଙ୍ଗଦାନ ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ, ସୋଟୋର ଯୁଗ୍ମ ନିର୍ଦ୍ଦେଶକ ଡା. ବିଭୂତି ଭୂଷଣ ନାୟକ, ଏସ୍ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏମ୍ବିବିଏସ୍ ପାଠ୍ୟକ୍ରମରେ ନୂତନ କରି ଅଙ୍ଗଦାନ ଓ ପ୍ରତିରୋପଣ ଏକ ବିଷୟ ଯୋଡ଼ାହେଲା ବୋଲି ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ଅଙ୍ଗଦାନ କରିଥିବା ୧୭ ଜଣ ବ୍ୟକ୍ତିଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୟୁରୋଲୋଜି ବିଭାଗୀୟ ମୁଖ୍ୟ ଡା. ସମୀର ସ୍ୱାଇଁ ସ୍ୱାଗତ ଭାଷଣ ଓ ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଏଥିରେ ପ୍ରଫେସର ଡା. ଜୟନ୍ତ ପଣ୍ଡା, ଡା. ସଞ୍ଜୟ ଚୌଧୁରୀ, ଡା.ରାକେଶ ରାଉତରାୟ, ଡା. ରାଜେଶ ଡୋରାଙ୍କ ସମେତ ମେଡିକାଲର ସମସ୍ତ ଡାକ୍ତର, ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ନଈକୁ ଅଟୋ ଓଲଟି ୧୫ ଆହତ

ବାଣପୁର,୫।୮ (ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ବରଡ଼ି ଛକ ନିକଟରେ ସୋମବାର ଏକ ଅଟୋ ଭାରସାମ୍ୟ ହରାଇ ବାଉଁଶ ନଈକୁ ଓଲଟି ପଡ଼ିଥିଲା। ଫଳରେ ଏଥିରେ ଥିବା ଚାଳକଙ୍କ ସମେତ ୧୫ ଜଣ ଆହତ ହୋଇଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାରକରି ବାଣପୁର ମେଡିକାଲରେ ଭର୍ତ୍ତି କରିଛି। ସୂଚନା ମୁତାବକ, ଗଞ୍ଜାମ ଜିଲାର ଷଣ୍ଢମୂଳ ଓ ନୂଆକଟ ଅଞ୍ଚଳର କେତେଜଣ ଲୋକ ଧାନ ରୋଇବା ପାଇଁ ସୋମବାର ସକାଳେ ବାଣପୁର ଅଞ୍ଚଳର ଆୟଉପୁରକୁ ଆସିଥିଲେ। କାମ ସରିବା ପରେ ସନ୍ଧ୍ୟାରେ ସେମାନେ ଏକ ଅଟୋରେ ଘରକୁ ଫେରୁଥିଲେ। ବାଣପୁର ବରଡ଼ି ଛକ ନିକଟରେ ଅଟୋଟି ଭାରସାମ୍ୟ ହରାଇ ବାଉଁଶ ନଈକୁ ଓଲଟି ପଡ଼ିଥିଲା। ଫଳରେ ଏଥିରେ ଥିବା ୧୩ ଜଣ ମହିଳା ଏବଂ ଚାଳକ ସମେତ ୨ ଜଣ ପୁରୁଷ ଆହତ ହୋଇଥିଲେ। ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ବରଡ଼ି ଛକ ନିକଟରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ଅଟୋ ଦୁର୍ଘଟଣାରେ ଆହତ ମହିଳାମାନେ।

